# ପାରଦ ଖସୁଛି, ଆଜିଠୁ ବର୍ଷା

ଭୁବନେଶ୍ୱର,୨୩।୨
(ଅନୁରାଧା ମହାରଣା)

ରାଜ୍ୟର ଅଧିକାଂଶ ସ୍ଥାନରେ ଶୁକ୍ରବାର ପାରଦ ତଳମୁହାଁ ରହିଛି। କେବଳ ଗୋଟିଏ ସହରରେ ତାପମାତ୍ରା ୩୫ଡିଗ୍ରୀ ଅତିକ୍ରମ କରିଛି। ପାରଳାଖେମୁଣ୍ଡିରେ ସର୍ବାଧିକ ୩୫.୬ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ଭୁବନେଶ୍ୱରରେ ୩୨.୮ ଡିଗ୍ରୀ ରେକର୍ଡ କରାଯାଇଛି। ଶନିବାର ରାଜ୍ୟର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଜିଲାରେ ଘଡଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ଏନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସେହିପରି ୨୫ ତାରିଖବେଳକୁ ଉତ୍ତର ଉପକୂଳ ଓଡ଼ିଶାର କେତକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲାଗୁଡ଼ିକ ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ଦେବଗଡ଼, ସୁନ୍ଦରଗଡ଼, ବୌଦ୍ଧ, କନ୍ଧମାଳ ଜିଲା ରହିଛି। ଦକ୍ଷିଣ ଉପକୂଳ ଓଡ଼ିଶାର ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଆଦି ଜିଲାରେ ବର୍ଷା ହୋଇପାରେ। ଅନ୍ୟପଟେ ବାଲେଶ୍ୱର ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ବୌଦ୍ଧ ଆଦି ଜିଲାରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଥିବାରୁ ସମ୍ପୃକ୍ତ ଅଞ୍ଚଳଗୁଡ଼ିକୁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨୮ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା ରହିଛି। ତେବେ ୨୯ ଓ ୩୦ ତାରିଖରେ ସାରା ରାଜ୍ୟରେ ପାଗ ଶୁଖିଲା ରହିବ।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ହରିୟାଣାରେ ପୋଲିସ-ଚାଷୀ ସଂଘର୍ଷ


ହରିୟାଣାର ହିସାର ଜିଲା ଅନ୍ତର୍ଗତ ଖେଡ଼ି ଚୋପଟାରେ ଶୁକ୍ରବାର ଆନ୍ଦୋଳନରତ ଚାଷୀ ଭାଜପା ନେତାଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

### 'ଦିଲ୍ଲୀ ଚଲୋ' ଅଭିଯାନ ୨୯ ଯାଏ ସ୍ଥଗିତ

କୃଷକ ନେତାମାନେ ସେମାନଙ୍କର 'ଦିଲ୍ଲୀ ଚଲୋ' ଡାକରାର ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆସନ୍ତା ୨୯ ତାରିଖରେ ନିଷ୍ପତ୍ତି ନେବେ। ତେଣୁ ସେପର୍ଯ୍ୟନ୍ତ ଆନ୍ଦୋଳନ ସ୍ଥଗିତ ରଖାଗଲା ବୋଲି କୃଷକ ମଜଦୁର ମୋର୍ଚ୍ଚା ନେତା ସରୱନ୍ ସିଂ ପାନ୍ଧେର କହିଛନ୍ତି। ଶନିବାର ଚାଷୀମାନେ କ୍ୟାଣ୍ଡେଲ ଶୋଭାଯାତ୍ରା କରିବାକୁ ଥିବାବେଳେ ପରବର୍ତ୍ତୀ ଦୁଇଦିନ କେନ୍ଦ୍ର ସରକାରଙ୍କର କୁଶପୁତ୍ତଳିକା ଦାହ କରିବେ ବୋଲି ଘୋଷଣା କରାଯାଇଛି।

ଚଣ୍ଡିଗଡ଼,୨୩।୨

ଭାଜପା ଶାସିତ ହରିୟାଣାର ହିସାର ଜିଲା ଅନ୍ତର୍ଗତ ଖେଡ଼ି ଚୋପଟାରେ ଶୁକ୍ରବାର ଆନ୍ଦୋଳନରତ ଚାଷୀଙ୍କ ସହ ପୋଲିସ୍‌ର ସଂଘର୍ଷ ଘଟି ଜଣେ ଅଫିସର ଆହତ ହୋଇଛନ୍ତି। ଆନ୍ଦୋଳନ ସ୍ଥଳ ରଣକ୍ଷେତ୍ରରେ ପରିଣତ ହୋଇଥିଲା। ଆନ୍ଦୋଳନକାରୀମାନେ ଭାଜପା ନେତାମାନଙ୍କ କୁଶପୁତ୍ତଳିକା ଦାହ କରିବା ପରେ ପୋଲିସକୁ ଘେରିଯାଇ ଟେକା ମାଡ଼ କରିଥିଲେ। ସେମାନଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ଲାଠିଚାଳନା କରିଥିଲା। କୃଷକମାନେ ପଞ୍ଜାବର ଖନୌରୀ ସୀମାକୁ ଶୋଭାଯାତ୍ରାରେ ଯିବାବେଳେ ପୋଲିସ ଅଟକାଇବାରୁ ଏଭଳି ଉତ୍ତେଜନାପୂର୍ଣ୍ଣ ସ୍ଥିତି ଉପୁଜିଥିଲା। ଉକ୍ତ ଚାଷୀମାନେ ଖନୌରୀ ଏବଂ ଶମ୍ଭୁ ସୀମାରେ ଡେରା ପକାଇଥିବା ଆନ୍ଦୋଳନରତ ଚାଷୀଙ୍କ ସହ ସାମିଲ ହେବାକୁ ଯାଉଥିଲେ। ଶୁକ୍ରବାର ଖନୌରୀଠାରେ ଜଣେ ୬୨ ବର୍ଷୀୟ ଚାଷୀ ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି।

ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ଆଇନଗତ ଗ୍ୟାରେଣ୍ଟି ସମେତ ବିଭିନ୍ନ ଦାବି ନେଇ 'ଦିଲ୍ଲୀ ଚଲୋ' ଅଭିଯାନରେ ବାହାରିଥିବା ଚାଷୀମାନେ ହରିୟାଣା ସୀମାରେ ଆନ୍ଦୋଳନ ଚଳାଇ ଥିବାବେଳେ ମୁଖ୍ୟମନ୍ତ୍ରୀ ମନୋହରଲାଲ୍ ଖଟ୍ଟର କୃଷକ ସମ୍ପ୍ରଦାୟଙ୍କୁ ଖୁସି କରାଇବା ପାଇଁ କୃଷି ଋଣ ଉପରେ ସୁଧ ଛାଡ଼ ଘୋଷଣା କରିଛନ୍ତି। ମେ' ୩୧ ସୁଦ୍ଧା ମୂଳଧନ ଫେରାଇବାକୁ ଥିବା ଚାଷୀମାନଙ୍କୁ ଏହି ସୁବିଧା ମିଳିବ ବୋଲି ଖଟ୍ଟର ବିଧାନସଭାରେ ବଜେଟ ଉପସ୍ଥାପନ ବେଳେ କହିଛନ୍ତି।

# ଏଆଇ ପୁଣି ଧରିଲା ୭ ପରୀକ୍ଷାକେନ୍ଦ୍ରର ଅବ୍ୟବସ୍ଥା




କଟକ,୨୩।୨ (କାର୍ତ୍ତିକ ସାହୁ)

ମାଟ୍ରିକ ପରୀକ୍ଷାର ଦ୍ୱିତୀୟ ଦିନ ଶୁକ୍ରବାର ୬ଟି ଜିଲାର ୭ଟି ପରୀକ୍ଷା କେନ୍ଦ୍ରର ଅବ୍ୟବସ୍ଥା ବାବଦରେ ଧରାଇ ଦେଇଛି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ସିଷ୍ଟମ ଓ ଲାଇଭ ସିସିଟିଭି ସର୍ଭିଲାନ୍ସ ବ୍ୟବସ୍ଥା। ନବରଙ୍ଗପୁର ଜିଲାର ଜବାଗୁଡ଼ା ଦାବୁଗାମ୍‌ସ୍ଥିତ ସରକାରୀ ୟୁ.ଜି. ହାଇସ୍କୁଲର ପରୀକ୍ଷା ହଲ୍‌ଗୁଡ଼ିକରେ ପରୀକ୍ଷା ପରିଚାଳନା ଅତ୍ୟନ୍ତ ନିମ୍ନମାନର ବୋଲି ଜଣାପଡ଼ିଥିଲା। ଫଳସ୍ୱରୂପ ଇଂଲିଶ ପରୀକ୍ଷାରେ ସେହି କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟଙ୍କ ଦ୍ୱାରା ବୋର୍ଡ କଣ୍ଟ୍ରୋଲ ରୁମ୍‌ରୁ ନିର୍ଦ୍ଦେଶ ଦିଆଯାଇ ୮ ଜଣଙ୍କୁ ମାଲପ୍ରାକ୍ଟିସ କରାଯାଇଛି। ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ମୁଖ୍ୟାଳୟରେ କଏଦ୍ ହୋଇଥିବା ସିସିଟିଭି ଫୁଟେଜ୍‌ରୁ ଏହି ଅବ୍ୟବସ୍ଥା ଓ ଅନିୟମିତତା ଜଣାପଡ଼ିଥିବା ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ଭଦ୍ରକ ଜିଲା ସିଙ୍ଗିଟିସ୍ଥିତ ମଦନମୋହନଜୀଉ ହାଇସ୍କୁଲରେ ନିର୍ଦ୍ଧାରିତ ସମୟ ପୂର୍ବାହ୍ନ ୮ଟା ୩୦ ମିନିଟ୍ ପୂର୍ବରୁ ପ୍ରଶ୍ନପତ୍ର ପ୍ୟାକେଟ୍ ଖୋଲାଯାଇଥିଲା। ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଆଇନ୍ ଉଲ୍ଲଂଘନ କରିଥିବାରୁ ତାଙ୍କୁ ଏହାର ପୁନରାବୃତ୍ତି ନ ହେବା ପାଇଁ ତାଗିଦ୍ କରାଯାଇଛି। ପୁଣି ସେହି ଭଦ୍ରକ ଜିଲାର ବନ୍ଧଗାଁ ନୋଡାଲ ହାଇସ୍କୁଲରେ ପ୍ରଶ୍ନପତ୍ର ଡେସ୍‌ପାଚ୍ ଟିମ୍‌ଠାରୁ ଗ୍ରହଣ କରିବା ପରେ ଆଇରନ୍ ଚେଷ୍ଟରେ ରଖି ନ ଥିଲେ। ପ୍ରଶ୍ନପତ୍ରଗୁଡ଼ିକ ସିଲ୍ ଖୋଲା ହେବା ପର୍ଯ୍ୟନ୍ତ ସେମିତି ଟେବୁଲ ଉପରେ ପଡ଼ିରହିଥିଲା। ଯାଜପୁର ଜିଲା ପଲାଇ ହାଇସ୍କୁଲରେ କେତେଜଣ ପରୀକ୍ଷାର୍ଥୀ ଅସାଧୁ ଉପାୟ ଅବଲମ୍ବନ କରୁଥିବାବେଳେ ଧରାପଡ଼ିଥିଲେ। କେନ୍ଦୁଝର ଜିଲା ହାଟଡିହୀ ହାଇସ୍କୁଲର ୫ନଂ. ପରୀକ୍ଷା ହଲ୍‌ରେ ନିରୀକ୍ଷକ ଥିଲେ ମଧ୍ୟ ପରୀକ୍ଷାର୍ଥୀମାନେ ଅତ୍ୟନ୍ତ ବିଶୃଙ୍ଖଳିତ ଭାବେ ଏଣେତେଣେ ଯାତାୟାତ କରିବା ସହ ପରସ୍ପର ମଧ୍ୟରେ କଥାବାର୍ତ୍ତା ହେଉଥିଲେ। ଗଜପତି ଜିଲାର ଆର୍. ଉଦୟଗିରିସ୍ଥିତ ସରକାରୀ ହାଇସ୍କୁଲର ୫ନଂ. ପରୀକ୍ଷା ହଲ୍‌ରେ ପରୀକ୍ଷାର୍ଥୀମାନେ ନିଜ ମଧ୍ୟରେ ସହଯୋଗ ପାଇଁ ଅତ୍ୟନ୍ତ ବିଶୃଙ୍ଖଳିତ ଆଚରଣ କରୁଥିଲେ ବି ନିରୀକ୍ଷକ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଯାଜପୁର ଜିଲାର ଆଉଁଗିସ୍ଥିତ ଗୋବିନ୍ଦ ଚନ୍ଦ୍ର ହାଇସ୍କୁଲରେ ପ୍ରଶ୍ନପତ୍ର ସକାଳ ୮ଟା ୩୦ ବଦଳରେ ୮ଟା ୧୫ରେ ଖୋଲାଯାଇଥିଲା। ପରୀକ୍ଷା ପରିଚାଳନା ଅତ୍ୟନ୍ତ ନିମ୍ନମାନର। ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ତାଙ୍କ ମୋବାଇଲ୍ ଫୋନ୍ ସୁଇଚ ଅଫ୍ ରଖିଥିବାରୁ ବୋର୍ଡ କଣ୍ଟ୍ରୋଲ ରୁମ୍‌ରୁ ତାଙ୍କୁ କୌଣସି ଯୋଗାଯୋଗ କରାଯାଇ ପାରି ନ ଥିଲା। ସମ୍ପୃକ୍ତ ପରୀକ୍ଷା ନିରୀକ୍ଷକମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

# ଜାହାଜ ଆରେଷ୍ଟ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

## ଇଣ୍ଡୋନେସିଆ ଜାହାଜ ଏମ୍.ଭି. ଦେବୀରୁ କୋକେନ୍ ଜବତ ମାମଲା

କଟକ,୨୩।୨ (କାର୍ତ୍ତିକ ସାହୁ)

ପାରାଦୀପ ବନ୍ଦରରେ ଅଟକ ଥିବା ଇଣ୍ଡୋନେସିଆ ଜାହାଜ ଏମ୍.ଭି. ଦେବୀକୁ ଆରେଷ୍ଟ କରିବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ଗତ ଡିସେମ୍ବରରେ ଉକ୍ତ ଜାହାଜରୁ ୨୨ କେଜି କୋକେନ୍ ଜବତ କରାଯାଇଥିଲା। ଏନେଇ ପାରାଦୀପ ଇଣ୍ଟରନ୍ୟାଶନାଲ କାର୍ଗୋ ଟର୍ମିନାଲ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟ ଏହି ଆଦେଶ ଦେଇଛନ୍ତି। ବନ୍ଦର ବର୍ଥରେ ଜାହାଜ ରହିବା ବାବଦକୁ ଭଡ଼ା ଓ ଅନ୍ୟାନ୍ୟ ଦେୟ ଆଦାୟ ସମ୍ପର୍କରେ ଆବେଦନକାରୀ କାର୍ଗୋ କମ୍ପାନୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଏ ସମ୍ପର୍କିତ ମୂଳ ମାମଲାର ଶୁଣାଣି ଆସନ୍ତା ମାର୍ଚ୍ଚ ୭ରେ ହେବ ବୋଲି ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। କୋକେନ୍ ଜବତ ହେବା ପରଠାରୁ ଜାହାଜଟି ପାରାଦୀପ ବନ୍ଦରର ବର୍ଥରେ ରହିଛି। ଇଣ୍ଡୋନେସିଆର ମାଲିକ ଉକ୍ତ ଜାହାଜକୁ ନେବା ପାଇଁ ଆବେଦନ କରିଥିବାବେଳେ କୁଜଙ୍ଗ କୋର୍ଟ ୧୦୦ କୋଟି ଟଙ୍କାର ବଣ୍ଡ ସହ ୧୦ କୋଟି ଟଙ୍କାର ବ୍ୟାଙ୍କ ଗ୍ୟାରେଣ୍ଟି ଜମା କରିବା ପରେ ଜାହାଜକୁ ଛଡ଼ାଯିବ ବୋଲି ଆଦେଶ ଦେଇଥିଲେ।

ସୂଚନାଯୋଗ୍ୟ, ଉକ୍ତ ଜାହାଜ ଇଣ୍ଡୋନେସିଆର ଗ୍ରେସିକ୍ ବନ୍ଦରରୁ ଆସି ଗତ ନଭେମ୍ବର ୨୯ରେ ପାରାଦୀପ ବନ୍ଦରରେ ଲାଗିଥିଲା। ପରବର୍ତ୍ତୀ ସମୟରେ ଯାଞ୍ଚବେଳେ କଷ୍ଟମ୍ ଅଫିସର୍‌ମାନେ ଜାହାଜରୁ ୨୨ ପ୍ୟାକେଟ୍ କୋକେନ୍ ପାଇଥିଲେ। ଯାହାର ମୂଲ୍ୟ ୨୨୦ କୋଟି ଟଙ୍କା ହେବ ବୋଲି ଜଣାପଡ଼ିଥିଲା। ଆବେଦନକାରୀ ସଂସ୍ଥାର ବର୍ଥରେ ଉକ୍ତ ଜାହାଜ ଦୀର୍ଘ ଦିନ ଅଟକି ରହିଥିବାରୁ ସଂସ୍ଥା ପକ୍ଷରୁ ବର୍ଥ ଭଡ଼ା ବାବଦକୁ ୭ କୋଟି ୯୫ ଲକ୍ଷ ୪୭ ହଜାର ଅର୍ଥ ପଇଠ କରିବାକୁ ଉକ୍ତ ଜାହାଜ କର୍ତ୍ତୃପକ୍ଷଙ୍କୁ ଆଦେଶ ଦିଆଯାଇଥିଲା। ତେବେ ଇଣ୍ଡୋନେସିଆର ଉକ୍ତ ଜାହାଜ ଏହି ଅର୍ଥ ପୈଠ ନ କରିବାରୁ ଆବେଦନକାରୀ ସଂସ୍ଥା ପକ୍ଷରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସଂସ୍ଥା ପକ୍ଷରୁ ଉକ୍ତ ଜାହାଜକୁ ଆରେଷ୍ଟ କରିବାକୁ ଆଡମିରାଲ୍ଟି (ଜୁରିସଡିକ୍ସନ୍ ଆଣ୍ଡ ସେଟେଲମେଣ୍ଟ ଅଫ୍ ମାରିଟାଇମ୍ କ୍ଲେମ୍ସ) ଆଇନ-୨୦୧୭ ଆଧାରରେ ବ୍ୟବସ୍ଥା ରହିଛି ବୋଲି ଅଦାଲତଙ୍କୁ ଅବଗତ କରାଯାଇଥିଲା। ହାଇକୋର୍ଟ ଏପରି ଆବେଦନର ଶୁଣାଣି କରି ଜାହାଜକୁ ପାରାଦୀପ ବନ୍ଦରରେ ଆରେଷ୍ଟ କରିବାକୁ ଆଦେଶ ଦେଇଛନ୍ତି।

ଫୁର୍‌ସତ୍

# ସେଣ୍ଟ୍ରାଲ ଏକ୍ସାଇଜ ଦ୍ୱାରା ଦେଶରେ ଆର୍ଥିକ ବିକାଶ

୧୯୪୪ ଫେବୃୟାରୀ ୨୪ରେ ଲାଗୁହୋଇଥିବା ସେଣ୍ଟ୍ରାଲ ଏକ୍ସାଇଜ ବା କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଏବଂ ଲୁଣ ଆଇନକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ଫେବୃୟାରୀ ୨୪କୁ ସେଣ୍ଟ୍ରାଲ ଏକ୍ସାଇଜ ଡେ ଭାବେ ପାଳନ କରାଯାଉଛି। ବିଶେଷକରି ସାମଗ୍ରୀ ଉତ୍ପାଦନ ବ୍ୟବସାୟରେ ଦୁର୍ନୀତିକୁ ରୋକିବା ସହ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଦିବସର ମୂଳଲକ୍ଷ୍ୟ। ଦେଶ ପାଇଁ ସେଣ୍ଟ୍ରାଲ ବୋର୍ଡ ଅଫ୍ ଇନଡାଇରେକ୍ଟ ଟ୍ୟାକ୍ସ ଆଣ୍ଡ କଷ୍ଟମ୍ସ(ସିବିଆଇସି)ର ସେବାକୁ ସମ୍ମାନ ଜଣାଇବା ପାଇଁ ଏହି ଦିବସରେ ଭଲ କାମ କରିଥିବା ଅଧିକାରୀମାନଙ୍କୁ ସମ୍ମାନିତ କରାଯାଇଥାଏ।

### ସେଣ୍ଟ୍ରାଲ ଏକ୍ସାଇଜ ଡେ

ସିବିଆଇସି ପୂର୍ବରୁ ସେଣ୍ଟ୍ରାଲ ଏକ୍ସାଇଜ ଆଣ୍ଡ କଷ୍ଟମ୍ସ ଭାବରେ ଜଣାଶୁଣା ଥିଲା। କଷ୍ଟମ୍ସ ଆଇନ ପରିଚାଳନା ପାଇଁ କଷ୍ଟମ୍ସ ଏବଂ ସେଣ୍ଟ୍ରାଲ ଏକ୍ସାଇଜ/କେନ୍ଦ୍ରୀୟ ଜିଏସ୍‌ଟି ବିଭାଗ ପ୍ରତିଷ୍ଠା କରାଯାଇଛି। ୨୦୧୭ ଜୁଲାଇ ୧ରେ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ଲାଗୁ ହେବା ପରଠାରୁ ଏହା କେନ୍ଦ୍ରୀୟ ଉତ୍ପାଦ ଶୁଳ୍କର ପରିସୀମା ହ୍ରାସ ପାଇଛି। ଏହା ଏବେ କେବଳ ପେଟ୍ରୋଲିୟମ ଜାତ ଦ୍ରବ୍ୟ ଏବଂ ଟବାକୋ(ମାଦକଦ୍ରବ୍ୟ ସଂକ୍ରାନ୍ତୀୟ) ସାମଗ୍ରୀ ଉପରେ ଲାଗୁ ହେଉଛି।

ବର୍ତ୍ତମାନ ଏହି ବିଭାଗ ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ବିଭାଗ ଅଧୀନରେ ଅଛି, ଯାହା କଷ୍ଟମ୍ସ ଆଦାୟ, କେନ୍ଦ୍ରୀୟ ଏକ୍ସାଇଜ ଡ୍ୟୁଟି, କେନ୍ଦ୍ରୀୟ ଜିଏସ୍‌ଟି ଏବଂ ଆଇଜିଏସ୍‌ଟି, ଚୋରା ଚାଲାଣ ରୋକିବା ଏବଂ ନାର୍କୋଟିକ୍ସ(ନିଶା କାରବାର)ଜଡ଼ିତ ବିଷୟଗୁଡ଼ିକର ଟିକସ ପ୍ରଶାସନ ସମ୍ବନ୍ଧୀୟ ନୀତି ପ୍ରଣୟନ ସହିତ କାର୍ଯ୍ୟ କରୁଛି। ସିବିଆଇସି ଅଧୀନରେ କଷ୍ଟମ୍ସ, ସେଣ୍ଟ୍ରାଲ ଏକ୍ସାଇଜ, ସେଣ୍ଟ୍ରାଲ ଦ୍ରବ୍ୟ ଓ ସେବାକର, ଆଇଜିଏସ୍‌ଟି, ନାର୍କୋଟିକ୍ସ, କଷ୍ଟମ ହାଉସ, ସେଣ୍ଟ୍ରାଲ ଏକ୍ସାଇଜ ଏବଂ ସେଣ୍ଟ୍ରାଲ ଜିଏସ୍‌ଟି କମିଶନର, କେନ୍ଦ୍ରୀୟ ରାଜସ୍ୱ ନିୟନ୍ତ୍ରଣ ଲାବରେଟୋରି ସମେତ ଅନ୍ୟାନ୍ୟ ବୋର୍ଡ ଏହାର ଅଧୀନ ସଙ୍ଗଠନଗୁଡ଼ିକ ପାଇଁ ପ୍ରଶାସନିକ ପ୍ରାଧିକରଣ ଭାବେ କାର୍ଯ୍ୟ କରୁଛି। ଏହି ଦିବସରେ ଦେଶରେ ବିଭିନ୍ନ ସ୍ଥାନରେ ସେମିନାର, କର୍ମଶାଳା, ଶିକ୍ଷାଗତ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ, ସଚେତନତା କାର୍ଯ୍ୟକ୍ରମ, ପ୍ରତିଯୋଗିତା ଏବଂ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହୋଇଥାଏ। ଏହା ବ୍ୟତୀତ ସମ୍ପୃକ୍ତ ବିଭାଗ ଏବଂ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ କରାଯିବା ସହ ସେବା ପ୍ରଦାନକାରୀ ଅଧିକାରୀଙ୍କୁ ପୁରସ୍କୃତ କରାଯାଇଥାଏ।

# ମିଷ୍ଟ୍ରି ଗର୍ଲ ସାଜିବେ ତ୍ରିପ୍ତି ଡିମରୀ



ମୁମ୍ବାଇ

ଫିଲ୍ମ ଭୁଲ ଭୁଲେୟାର ଉଭୟ ପାର୍ଟର ଲୋକପ୍ରିୟତା ଦେଖି ନିର୍ମାତା ଭୁଲ ଭୁଲେୟା ୩ ଆଣିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିରେ କାର୍ତ୍ତିକ ଆର୍ଯ୍ୟନ ଏବଂ ବିଦ୍ୟା ବାଲାନଙ୍କ ନାମ ଷ୍ଟାର କାଷ୍ଟରେ ନିଶ୍ଚିତ ହୋଇସାରିଛି। ବର୍ତ୍ତମାନ ଫିମେଲ କାଷ୍ଟଙ୍କ ନାମରେ ମଧ୍ୟ ମୋହର ବାଜି ସାରିଛି। ଏନେଇ ଖୋଦ୍ କାର୍ତ୍ତିକ ଇନଷ୍ଟାରେ ଫଟୋ ଶେୟାର୍ କରି ତାଙ୍କ ଫିଲ୍ମର ମିଷ୍ଟ୍ରି ଗର୍ଲଙ୍କ ବିଷୟରେ ସୂଚନା ଦେଇଛନ୍ତି। ପ୍ରଥମେ କାର୍ତ୍ତିକ ଇନଷ୍ଟାରେ ଲିଡ୍ ଆକ୍ଟ୍ରେସଙ୍କ ଅସମ୍ପୂର୍ଣ୍ଣ ଫଟୋ ଶେୟାର କରିଥିଲେ। କ୍ୟାପସନରେ ଲେଖିଥିଲେ, ଏହି ଭୁଲ ଭୁଲେୟାକୁ ସମାଧାନ କରନ୍ତୁ। ଅଧିକାଂଶ ୟୁଜର୍ସ ଅସମ୍ପୂର୍ଣ୍ଣ ଫଟୋଟି ଆନିମଲ ଫେମ୍ ତ୍ରିପ୍ତିଙ୍କର ବୋଲି କହିଛନ୍ତି। କିଛିସମୟ ପରେ କାର୍ତ୍ତିକ ନିଜେ ସମ୍ପୂର୍ଣ୍ଣ ଫଟୋ ଶେୟାର କରି ଏହାକୁ କନଫର୍ମ କରିଛନ୍ତି। ଗତ ବର୍ଷ ମୁକ୍ତିଲାଭ କରିଥିବା ଆନିମଲରେ ତ୍ରିପ୍ତିଙ୍କୁ ଦେଖିବାକୁ ମିଳିଥିଲା। ଫିଲ୍ମ ରିଲିଜ୍ ପରେ ଫ୍ୟାନ୍ସ ତାଙ୍କୁ ବହୁତ ଭଲ ପାଇବା ଦେଇଥିଲେ। ତାଙ୍କର ରାତାରାତି ଲକ୍ଷ ଲକ୍ଷ ଫଲୋଅର୍ସ ବଢ଼ିଥିଲେ। ଲୋକେ ତାଙ୍କୁ ନ୍ୟାଶନାଲ କ୍ରସ ବୋଲି କହିବା ଆରମ୍ଭ କଲେ। ଏବେ କାର୍ତ୍ତିକ ଫିଲ୍ମରେ ତାଙ୍କର ଏଣ୍ଟ୍ରି ହୋଇଛି। ସେ ଏହି ଫିଲ୍ମରେ କିଆରା ଆଡଭାନୀଙ୍କ ସ୍ଥାନ ନେଇଛନ୍ତି, ଯିଏକି ୨୦୨୨ରେ ଭୁଲ ଭୁଲେୟା ୨ରେ ନଜର ଆସିଥିଲେ। ଏହି କମେଡି ଫିଲ୍ମ ଚଳିତ ବର୍ଷ ଦିୱାଲୀ ଅବସରରେ ମୁକ୍ତିଲାଭ କରିବ ବୋଲି ଅନୁମାନ କରାଯାଉଛି।

## ଥରକେ ୪୫ ସ୍ୱେଟର୍ ପିନ୍ଧି ବିଶ୍ୱ ରେକର୍ଡ



**ଶୀତବସ୍ତ୍ର** ପିନ୍ଧି ବିଶ୍ୱରେକର୍ଡ କରିଛନ୍ତି ଜଣେ କଲେଜ ଛାତ୍ରୀ। ସେ ଏକାଥରକେ ୪୫ ସ୍ୱେଟର୍ ପିନ୍ଧି ଏହି କାରନାମା କରିଛନ୍ତି। ସେ ହେଲେ ଆମେରିକାର ସୋଫିଆ ଏଫ ହେଡେନ। ସୋସିଆଲ ମିଡିଆରେ ଏବେ ତାଙ୍କର ଏକ ଭିଡିଓ ଭାଇରାଲ ହେଉଛି। ସ୍ୱେଟର୍ ପିନ୍ଧିବା ପରେ ତାଙ୍କୁ ଦେଖିଲେ ହସ ରୋକିବା ସମ୍ଭବ ହେବନି। ଇନଷ୍ଟାଗ୍ରାମରେ ଭାଇରାଲ ହେଉଥିବା ଭିଡିଓରେ ବ୍ୟବହାରକାରୀ ମଜାଦାର ପ୍ରତିକ୍ରିୟା ଦେଉଛନ୍ତି। ଏମିତିରେ ଜଣେ ୟୁଜର ଲେଖିଛନ୍ତି ସେ ପାକିସ୍ତାନର ଖାନ ବାବାଙ୍କ ଭଉଣୀଙ୍କ ଭଳି ଦେଖାଯାଉଛନ୍ତି। ସେହିଭଳି ଅନ୍ୟଜଣେ କହିଛନ୍ତି ରେକର୍ଡ ତାଙ୍କୁ ସ୍ୱେଟର୍ ପିନ୍ଧାଉଥିବା ମହିଳାଙ୍କୁ ମିଳିବା ଉଚିତ। ଏଯାବତ ଏହାକୁ ୧.୨୬ ଲକ୍ଷରୁ ଅଧିକ ଲାଇକ ମିଳିଛି।




# ଚମକିଲାଣି ବରମୁଣ୍ଡା ବସ୍‌ଷ୍ଟାଣ୍ଡ



## ଘଟଣାକ୍ରମ

- ୨୦୧୭ରେ ନକ୍ସା ପ୍ରସ୍ତୁତ
- ୨୦୧୮ରେ ପ୍ରକଳ୍ପ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା
- ୨୦୧୯ରେ ରାଜ୍ୟ କ୍ୟାବିନେଟରେ ଅନୁମୋଦନ
- ୨୦୨୨ ଜୁନ୍ ସୁଦ୍ଧା ପ୍ରକଳ୍ପ ସମାପ୍ତ ପାଇଁ ସମୟ ଧାର୍ଯ୍ୟ (କରୋନା ପ୍ରଭାବରେ କାର୍ଯ୍ୟ ମନ୍ଥର)
- ୨୦୨୩ ମାର୍ଚ୍ଚ ସୁଦ୍ଧା ସାରିବାକୁ ବିଡିଏର ନିଷ୍ପତ୍ତି
- ୨୦୨୪ ଫେବୃଆରୀରେ ବସ୍‌ଷ୍ଟାଣ୍ଡର ନାମ ଡ. ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ନାମରେ ନାମିତ



## ମାର୍ଚ୍ଚ ପ୍ରଥମ ସପ୍ତାହରେ ହୋଇପାରେ ଉଦ୍‌ଘାଟନ

ଭୁବନେଶ୍ୱର,୨୩।୨ (ଅନୁରାଧା ମହାରଣା)

ରାଜ୍ୟରେ ବସ୍ ଚଳାଚଳକୁ ସୁଗମ କରିବା ପାଇଁ ବରମୁଣ୍ଡା ବସ୍‌ଷ୍ଟାଣ୍ଡ୍ ନୂଆରୂପ ନେଉଛି। ଏହାକୁ ବାବା ସାହେବ ଭୀମରାଓ ଆମ୍ବେଦକର ବସ୍ ଟର୍ମିନାଲ ନାମରେ ନାମିତ କରାଯାଇଥିବାବେଳେ ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିସାରିଛି। ବାହାରକୁ ଖୁବ୍ ଆକର୍ଷଣୀୟ ଦେଖାଯାଉଥିବା ଏହି ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ୍‌ରେ ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି। ମାର୍ଚ୍ଚ ପ୍ରଥମ ସପ୍ତାହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିବେ ବୋଲି ବିଡିଏର ଜଣେ ଅଧିକାରୀ କହିଥିବାବେଳେ ବିଧିବଦ୍ଧ ଘୋଷଣାକୁ ଅପେକ୍ଷା ରହିଛି। ୨୮ ହଜାର ବର୍ଗମିଟର ଅଞ୍ଚଳରେ ନିର୍ମିତ ଏହି ବସ୍ ଟର୍ମିନାଲରେ ୧୫୦ଟି ବସ୍ ବେ ବ୍ୟବସ୍ଥା ସହ ବିଭିନ୍ନ ସେବା ମିଳିପାରିବ। ଟର୍ମିନାଲ ମଧ୍ୟରେ ୯ଶହ ବର୍ଗମିଟର ଅଞ୍ଚଳରେ ସ୍ୱତନ୍ତ୍ର ଲାଇବ୍ରେରି ରହିଛି। ଏଠାରେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ରହିବା ସହ ଯାତ୍ରୀମାନେ ତାଙ୍କ ଜୀବନଶୈଳୀ ସମ୍ପର୍କରେ ଜାଣିବାକୁ ସୁଯୋଗ ପାଇବେ। ଏଥିସହ ଏଠାରେ ଭାରତର ସମ୍ବିଧାନ ମଧ୍ୟ ପ୍ରଦର୍ଶିତ ହେବ। ୬ଟି ବ୍ଲକରେ ପ୍ରାୟ ୧୨୨ଟି ଦୋକାନ ଗୃହ ରହିବ। ପ୍ରଥମ ବ୍ଲକରେ ୧୦ଟି ଦୋକାନ, ଫୁଡ୍ କୋର୍ଟ, ଶୌଚାଳୟ, ବିଦ୍ୟୁତ୍ ସରଞ୍ଜାମ ଗୃହ, ଡର୍ମିଟୋରି, ବିଶ୍ରାମ ଗୃହ, କ୍ୟାଣ୍ଟିନ ଆଦି ସୁବିଧା ରହିବ। ସେହିପରି ଦ୍ୱିତୀୟ ବ୍ଲକ୍‌ରେ ଲିଫ୍ଟ, ଏକ୍ସାଲେଟର, ଶୌଚାଳୟ, ଟିକେଟ୍ କାଉଣ୍ଟର, ଲବି, ଏଟିଏମ୍, କୋରିୟର ସେବା, ଲିଫ୍ଟ ଲବି, ପୋଲିସ ଆଉଟ୍‌ପୋଷ୍ଟ, ୨ଟି ଦୋକାନ, ଓଏସ୍ଆର୍‌ଟିସି, ଘରୋଇ ବସ୍ ଆସୋସିଏଶନ ଅଫିସ୍, ରିଟେଲ ଅଫିସ୍ ରହିବ। ସେହିପରି ବ୍ଲକ-୩ରେ ଘଡ଼ି କୋଠରି, ହେଲ୍ପ ଡେସ୍କ, ଲଗେଜ୍ ସ୍କାନର, ୪ଟି କିଓସ୍କ, ହକର୍ସ ଜୋନ୍, ସ୍ୱତନ୍ତ୍ର କରିଡର୍ ଆଦି ରହିବ। ଯାତ୍ରୀ ପ୍ରତୀକ୍ଷାସ୍ଥଳରେ ବସ୍ ଯାତ୍ରା ସମ୍ପର୍କିତ ସମସ୍ତ ସୂଚନା ଏଲ୍ଇଡି ମାଧ୍ୟମରେ ପ୍ରଦର୍ଶିତ ହେବ। ଯାତ୍ରୀ ଚାହିଁଲେ ବିଡିଏ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ୱେବସାଇଟ୍ ମାଧ୍ୟମରେ ବସ୍ ସମ୍ପର୍କିତ ତଥ୍ୟ ପାଇପାରିବେ। ତେବେ ବ୍ଲକ୍-୪ରେ ପ୍ରାୟ ୨୩ଜଣ ବ୍ୟବସାୟୀ ଦୋକାନର ସୁବିଧା ପାଇପାରିବେ। ଏହି ବ୍ଲକ୍‌ରେ କିଚେନ୍, ରେଷ୍ଟୁରାଣ୍ଟ, ସିସିଡି, ବିଏମ୍ଏସ୍ ଓ ଇଏଲ୍‌ଭି ରୁମ୍ ମଧ୍ୟ ରହିବ। ପଞ୍ଚମ ବ୍ଲକରେ ୨୭ଜଣ ବ୍ୟବସାୟୀଙ୍କୁ ଦୋକାନ ଘର ମିଳିବ। ଏଠାରେ ଅନ୍ୟାନ୍ୟ ସୁବିଧା ସହ ରେଭିନ୍ୟୁ ଅଫିସ୍, ମେଣ୍ଟେନାନ୍ସ ଷ୍ଟାଫ୍ ରୁମ୍, କଣ୍ଟ୍ରୋଲ ରୁମ୍ ଆଦି ମଧ୍ୟ ରହିବ। ୬ଷ୍ଠ ବ୍ଲକର ଗ୍ରାଉଣ୍ଡ ଫ୍ଲୋର୍‌ରେ ୨୮ଟି ଏବଂ ପ୍ରଥମ ମହଲାରେ ୩୨ ଦୋକାନ ରହିବ। ତେବେ ପ୍ରଥମ ପର୍ଯ୍ୟାୟରେ ମିଲେଟ୍ ମିଶନ, କୋରାପୁଟ କଫି, ଓଟିଡିସି ଆଦି ୧୯ଟି ସରକାରୀ ଅନୁଷ୍ଠାନକୁ କୋଠରି ମିଳିଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ବ୍ୟବସାୟୀଙ୍କୁ ନିୟମାନୁସାରେ ଦୋକାନଗୃହ ଆବଣ୍ଟନ କରାଯିବ। ଏଥିସହ ସମସ୍ତ ବ୍ଲକର ଗ୍ରାଉଣ୍ଡ ଫ୍ଲୋର୍‌ରେ କାର୍ ଓ ବାଇକ୍ ପାର୍କିଂର ସୁବିଧା ରହିବ। ଦୀର୍ଘଦିନ ଧରି ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ପ୍ରକଳ୍ପ ଖର୍ଚ୍ଚ ମଧ୍ୟ ବଢ଼ି ଚାଲିଛି। ୧୬୦.୬୬ କୋଟି ଟଙ୍କାରୁ ଏବେ ପ୍ରକଳ୍ପ ଖର୍ଚ୍ଚ ୧୮୦ କୋଟିରେ ପହଞ୍ଚିଛି।








### ରିଲ୍ ପାଇଁ ପାଲଟିଛି ଉତ୍କୃଷ୍ଟ ସ୍ଥାନ

ବସ୍‌ଷ୍ଟାଣ୍ଡର ପ୍ରବେଶ ଦ୍ୱାରଠାରୁ ଆରମ୍ଭ କରି ବସ୍ ରହଣି ସ୍ଥଳ ପର୍ଯ୍ୟନ୍ତ ସବୁଠି ନୂଆ ରୂପ ପାଇଛି। ଏଠାରେ ଲାଗିଥିବା ଆଲୋକ ରାତି ଦୃଶ୍ୟକୁ ଆହୁରି ସୁନ୍ଦର କରୁଛି। ଏଥିପାଇଁ ରିଲ୍ସ କରିବା ଲାଗି ଯୁବପିଢ଼ି ବିଶେଷକରି ବ୍ଲଗରଙ୍କ ପାଇଁ ଉତ୍କୃଷ୍ଟ ସ୍ଥାନ ପାଲଟିଛି। ଭୁବନେଶ୍ୱରକୁ ପରିଚିତ କରାଇବା ପାଇଁ ବ୍ଲଗରମାନେ ଏହି ବସ୍‌ଷ୍ଟାଣ୍ଡ୍‌କୁ ବ୍ୟବହାର କରୁଛନ୍ତି। ଓଡ଼ିଆ ଭାଷାରେ ଲେଖାଯାଇଥିବା 'ଭୁବନେଶ୍ୱର' ବେଶ୍ ଆକର୍ଷଣୀୟ ହୋଇପାରିଛି। ଏଠାରେ ପ୍ରସ୍ତୁତ ହୋଇଥିବା ସେଲଫି ପଏଣ୍ଟ ଆଗାମୀ ଦିନରେ ରାଜ୍ୟ ତଥା ବାହାରୁ ଆସୁଥିବା ଯାତ୍ରୀଙ୍କ ଆକର୍ଷଣର କେନ୍ଦ୍ର ପାଲଟିବ।

### ସବୁ ବସ୍‌ରେ ଆର୍‌ଏଫ୍‌ଆଇସି ବାଧ୍ୟତାମୂଳକ, ଆଗକୁ ଟ୍ରାଏଲ୍ ରନ୍

ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଭିତରକୁ ଆସୁଥିବା ସମସ୍ତ ବସ୍‌ରେ ରେଡିଓ ଫ୍ରିକ୍ୱେନ୍ସି ଆଇଡେଣ୍ଟିଫିକେଶନ୍ କାର୍ଡ (ଆର୍‌ଏଫ୍‌ଆଇସି) ଲଗାଯିବାକୁ ବାଧ୍ୟତାମୂଳକ କରାଯାଇଛି। ପ୍ରବେଶ ପଥରେ ଆର୍‌ଏଫ୍‌ଆଇସି ସ୍କାନର୍ ରହିବ। ଏହା ଦ୍ୱାରା ବସ୍‌ର ଗିତିବିଧିକୁ ଟ୍ରାକିଂ କରାଯାଇପାରିବ। ପ୍ରବେଶ ଓ ପ୍ରସ୍ଥାନ ସମୟକୁ ମଧ୍ୟ ଗୁରୁତ୍ୱ ଦିଆଯିବ। ଆରଏଫ୍‌ଆଇସି ସଂସ୍ଥାପନ ହୋଇଥିବା ନ ଥିବା ବସ୍‌ଗୁଡ଼ିକ ଷ୍ଟାଣ୍ଡ ମଧ୍ୟକୁ ପ୍ରବେଶ କରିପାରିବ ନାହିଁ। ସମସ୍ତ ବସ୍‌ରେ ଏହି କାର୍ଡ ଲଗାଯିବା ପରେ ଟ୍ରାଏଲ ରନ୍ କରାଯିବ ବୋଲି ବିଡିଏ ସୂତ୍ରରୁ ସୂଚନା ରହିଛି।

### ସ୍ଥାନୀୟ ବ୍ୟବସାୟୀ ଉପକୃତ ହେବାପରି ମନେ ହେଉନାହିଁ

'ବସ୍‌ଷ୍ଟାଣ୍ଡକୁ ନୂଆରୂପ ଦିଆଯିବା ନିଶ୍ଚିତ ଭାବେ ଖୁସିର ବିଷୟ। ମାତ୍ର ଏତେ ବଡ ପ୍ରକଳ୍ପରେ ଅଞ୍ଚଳବାସୀ ବିଶେଷ କିଛି ଉପକୃତ ହେବାପରି ମନେ ହେଉନାହିଁ। ବସଷ୍ଟାଣ୍ଡ ବାହାରୁ ଉଚ୍ଛେଦ କରାଯାଇଥିବା ଦୋକାନୀଙ୍କ ଥଇଥାନ ନେଇ କୌଣସି ବ୍ୟବସ୍ଥା ହୋଇନାହିଁ। ଏନେଇ ମାମଲା ହାଇକୋର୍ଟରେ ରହିଛି। ବିଭିନ୍ନ ବ୍ଲକରେ ନିର୍ମାଣ ହେଉଥିବା ଦୋକାନ ଆବଣ୍ଟନ ନେଇ ବର୍ତ୍ତମାନ ସୁଦ୍ଧା କୌଣସି ପ୍ରକ୍ରିୟା ହୋଇନାହିଁ। ସମ୍ଭବତଃ ଉଦ୍‌ଘାଟନ ପରେ ଦୋକାନଗୃହ ଆବଣ୍ଟନ କରାଯିବ। ଯଦି ବାହାରେ ଛୋଟ ଛୋଟ ଦୋକାନ କରିଥିବା ବ୍ୟବସାୟୀଙ୍କୁ ଏଠାରେ ଦୋକାନ ମିଳେ, ତେବେ ସେମାନେ ଏହାର ଭଡ଼ା ମଧ୍ୟ ପୈଠ କରିପାରିବେ ନାହିଁ।

– ରାମଚନ୍ଦ୍ର ରଣସିଂହ, କର୍ପୋରେଟର, ୱାର୍ଡ ନଂ.୫୦

### ନିୟମ ଅନୁପାଳନ ହେଲେ ସମସ୍ତେ ଉପକୃତ ହେବେ

ମାର୍ଚ୍ଚ ୫ରେ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ ହେବ ବୋଲି କୁହାଯାଉଛି। ବସ ରହିବାଠାରୁ ଆରମ୍ଭ କରି ଯାତ୍ରୀ ବିଶ୍ରାମାଗାର ଓ ଅନ୍ୟାନ୍ୟ ଅତ୍ୟାଧୁନିକ ସୁବିଧା ଏଠାରେ ଉପଲବ୍ଧ ହେବ ବୋଲି ସରକାର କହୁଛନ୍ତି। ଯଦି ବାସ୍ତବରେ ସେପରି ହୁଏ, ସମସ୍ତେ ନିୟମର ଅନୁପାଳନ କରନ୍ତି, ତେବେ ଉଭୟ ବସ୍ ମାଲିକ, କର୍ମଚାରୀ ଏବଂ ଯାତ୍ରୀ ଉପକୃତ ହେବେ। ବସ୍ ରହଣିସ୍ଥଳରେ ସବୁ ଯାତ୍ରୀ ନିଜ ନିଜ ଗନ୍ତବ୍ୟ ସ୍ଥଳକୁ ଯାଉଥିବା ବସ୍‌ରେ ଚଢ଼ିବେ। ବସଷ୍ଟାଣ୍ଡ ବାହାରେ ବସ୍ ଅଟକି ରହିବ ନାହିଁ। ପରବର୍ତ୍ତୀ ବସ୍‌ଷ୍ଟପ୍ ଫାୟାର ଷ୍ଟେଶନ କିମ୍ବା ଖଣ୍ଡଗିରି ଛକ ହେବ। ଏହା ଦ୍ୱାରା ଯାତାୟାତ ଖୁବ୍ ସୁବିଧାରେ ହୋଇପାରିବ। ଯାତ୍ରୀ ଏଣେତେଣେ ଅପେକ୍ଷା ନ କରି ଗୋଟିଏ ସ୍ଥାନରେ ରହିବା ଦ୍ୱାରା ବେଶ୍ ସୁବିଧା ହେବ।

– ତୁଷାରକାନ୍ତ ଆଚାର୍ଯ୍ୟ, ସମ୍ପାଦକ, ରାଜଧାନୀ ବସ୍ ମାଲିକ ସଂଘ

# କର୍ମମୟ ଜୀବନରେ ମନୋରଞ୍ଜନର ଆବଶ୍ୟକତା ରହିଛି

### ରାଜ୍ୟ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ସାଂସ୍କୃତିକ ଓ କ୍ରୀଡ଼ା ସଂସଦର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୩।୨ (ଶର୍ମିଷ୍ଠା ପାଣିଗ୍ରାହୀ)

ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସାଂସ୍କୃତିକ ଓ କ୍ରୀଡ଼ା ସଂସଦର ଦୁଇଦିନିଆ ବାର୍ଷିକ ସାଂସ୍କୃତିକ ଉତ୍ସବ ରବୀନ୍ଦ୍ର ମଣ୍ଡପଠାରେ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଯୋଗଦେଇ କହିଲେ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ରାଜ୍ୟ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ। ମାନବ ସମ୍ବଳ ପରିଚାଳନା, ପେନ୍‌ସନ ମାମଲାଠାରୁ ଆରମ୍ଭ କରି ଜମିଜମା ସଂକ୍ରାନ୍ତ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବିଭାଗରେ କରାଯାଉଥିବାବେଳେ କାର୍ଯ୍ୟବ୍ୟସ୍ତ ଜୀବନଶୈଳୀ ମଧ୍ୟରେ ସାଂସ୍କୃତିକ ଓ କ୍ରୀଡା ଆଦି କାର୍ଯ୍ୟକ୍ରମ ଆୟୋଜନ ସଂସଦର ପ୍ରଶଂସନୀୟ ପ୍ରୟାସ। କର୍ମମୟ ଜୀବନରେ ମନୋରଞ୍ଜନର ଆବଶ୍ୟକତା ରହିଛି। ଏହା ମନକୁ ହାଲୁକା କରିବା ସହ କର୍ମଚାରୀଙ୍କ ମଧ୍ୟରେ ଏକତା ଓ ଭ୍ରାତୃତ୍ୱ ଭାବ ବଜାୟ ରଖିବାରେ ସହାୟକ ହୋଇଥାଏ। ଏହି ଅବସରରେ ସେ ସଂସଦ ଦ୍ୱାରା ଆୟୋଜିତ କ୍ରୀଡ଼ା ଓ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ହିମାଂଶୁ ଭୂଷଣ ପଣ୍ଡା ଯୋଗଦେଇ ଏପରି ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶାର ନାଟ୍ୟ ପରମ୍ପରା, ସାମାଜିକ ଓ ସାଂସ୍କୃତିକ ଐତିହ୍ୟ ବଜାୟ ରହିଛି ବୋଲି ପ୍ରକାଶ କରିଥିଲେ। ସାଂସ୍କୃତିକ ଓ କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଚିତ୍ତରଞ୍ଜନ ପଣ୍ଡା, ସାଧାରଣ ସମ୍ପାଦକ ଅମିୟ କୁମାର ଦାସ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସଂସଦ ପକ୍ଷରୁ ନାଟକ 'କିଏ କାହାର' ପରିବେଷଣ କରାଯାଇଥିଲା। ନାଟ୍ୟକାର ତଥା ନିର୍ଦ୍ଦେଶକ ମଳୟ ରାଉତଙ୍କ ନିର୍ଦ୍ଦେଶନାରେ ସଂସଦର କଳାକାରମାନେ ନାଟକକୁ ମଞ୍ଚସ୍ଥ କରିଥିଲେ। ତିଳୋତ୍ତମା ରଣା ଓ ନିବେଦିତା ପାଠକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।





ନାଟକ 'କିଏ କାହାର'ର ଏକ ଦୃଶ୍ୟ। ଉତ୍ସବରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ପୁରସ୍କାର ପ୍ରଦାନ କରୁଛନ୍ତି।

## ବେଆଇନ ବାଲି ଚାଲାଣ, ୨ ହାଇୱା ଜବତ

ବାରଙ୍ଗ,୨୩।୨(ଲିଙ୍ଗରାଜ ରାଉତ): ବେଆଇନଭାବେ ବାଲି ଚାଲାଣ ଅଭିଯୋଗରେ ବାରଙ୍ଗ ପୋଲିସ ୨ଟି ହାଇୱା ଜବତ କରିଛି। ଗୁରୁବାର ରାତିରେ ତ୍ରିଶୂଳିଆ ଛକରେ ବ୍ଲକିଂ କରିଥିବାବେଳେ ମୁଣ୍ଡମୁହାଣ ପଟୁ ଦୁଇଟି ବାଲି ବୋଝେଇ ହାଇୱା ଆସୁଥିଲା। ପୋଲିସ ଉକ୍ତ ଗାଡ଼ିକୁ ଅଟକାଇ କାଗଜପତ୍ର ମାଗିବାରୁ ଚାଳକ ଦେଖାଇପାରିନଥିଲେ। ଫଳରେ ପୋଲିସ ହାଇୱା ଦୁଇଟିକୁ ଜବତ କରି ଥାନାକୁ ଆଣିଥିଲା। ଶୁକ୍ରବାର ପୋଲିସ ନୋଟିସ କରି ଚାଳକଦ୍ୱୟଙ୍କୁ ଛାଡି ଦେଇଥିବାବେଳେ ଦୁଇଟି ମାମଲା (ନଂ.୯୬, ୯୭/୨୪) ରୁଜୁ ହୋଇଥିବା ଥାନା ଅଧିକାରୀ ବିଶ୍ୱ ରଞ୍ଜନ ନାୟକ ସୂଚନା ଦେଇଛନ୍ତି।

## 'ଆଇ ଲଭ ଓଲ୍ଡଟାଉନ' ଲଗାଇବାକୁ ନେଇ ନେଇ ହଟ୍ଟଗୋଳ

ପୁରୁଣା ଭୁବନେଶ୍ୱର,୨୩।୨(ସୁବାସ ଚନ୍ଦ୍ର ପ୍ରଧାନ): ପୁରୁଣା ଭୁବନେଶ୍ୱରସ୍ଥିତ ମାଉସୀମା ଛକଠାରେ ବିଏମ୍‌ସି ପକ୍ଷରୁ 'ଆଇ ଲଭ ଓଲ୍ଡଟାଉନ' ଲଗାଇବାକୁ ନେଇ ଶୁକ୍ରବାର ହଟ୍ଟଗୋଳ ହୋଇଛି। ସୂଚନା ମୁତାବକ, ବିଏମ୍‌ସିର କଣ୍ଟ୍ରାକ୍ଟର ଉକ୍ତ ଫଳକକୁ ଲଗାଇବାକୁ ଗାତ ଖୋଳିଥିଲେ। ଏନେଇ ସ୍ଥାନୀୟ ବ୍ୟବସାୟୀ ବିଧାୟକ ସୁରେଶ ରାଉତରାୟଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହା ପରେ ବିଧାୟକ ରାଉତରାୟ ପହଞ୍ଚି ଏଠାରେ ଲେଗାଯାଇ ପାରିବ ନାହିଁ ବୋଲି ବିରୋଧ କରିଥିଲେ। ଏହାକୁ ନେଇ କିଛି କିଛି ସମୟ ହଟଗୋଳ ଦେଖାଦେଇଥିଲା। ଫଳରେ କଣ୍ଟ୍ରାକ୍ଟର ଓ ତାଙ୍କ ସହଯୋଗୀ ଫେରିଯାଇଥିଲେ।

# ଆଜି ପୂର୍ଣ୍ଣାହୁତି, ବାହୁଡ଼ିଯିବେ ସାଧୁସନ୍ଥ



## ଖଣ୍ଡଗିରି କୁମ୍ଭମେଳା

ଭୁବନେଶ୍ୱର,୨୩।୨ (ଶର୍ମିଷ୍ଠା ପାଣିଗ୍ରାହୀ)

ଆଜି ସରୁଛି ଖଣ୍ଡଗିରି କୁମ୍ଭମେଳା। ୯ଦିନ ଧରି ମନ୍ତ୍ରଧ୍ୱନିରେ ଗୁଞ୍ଜରିତ ହେଉଥିବା ଖଣ୍ଡଗିରିରୁ ବାହୁଡ଼ିଯିବେ ସାଧୁ ସନ୍ଥ। ସନାତନ ବୈଦିକ ଧର୍ମ, ସଂକୃତି, ସୁରକ୍ଷା ଓ ସର୍ବୋପରି ଜଗତର କଲ୍ୟାଣ ନିମିତ୍ତ ଜାଗଯଜ୍ଞ ଧାର୍ମି ସଭା ସାଧନା ଆଦି କାର୍ଯ୍ୟକ୍ରମର ମହାସମାବେଶ ଅନୁଷ୍ଠିତ ହେବା ସହ କଳିଯୁଗ ୫୧୨୫ବର୍ଷ ପୂର୍ତ୍ତି ଉତ୍ସବ ଶନିବାର ପାଳନ କରାଯି। ବିଶ୍ୱ ସନାତନ ବୈଦିକ ଧର୍ମପରିଷଦ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ମହାକୁମ୍ଭ ମେଳାରେ ଚଳିତ ବର୍ଷ ଲୋକଙ୍କ ଭିଡ଼ ବେଶ୍ ଜମିଥିଲା। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଭାରତ ତଥା ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସି ବାବାମାନେ ସଂସ୍କୃତି ତଥା ପରମ୍ପରା ନିମିତ୍ତ ଜନସେଚତନତା ସୃଷ୍ଟି କରିଥିଲେ। ଶନିବାର ଅପରାହ୍ନ ୩ଟା ୩୦ରୁ ୪ଟା ମଧ୍ୟରେ ପୂର୍ଣ୍ଣାହୁତି କରାଯିବ। ଏଥିସହ ଶେଷ ହେବ ଚଳିତବର୍ଷର ଖଣ୍ଡଗିରି ମହାକୁମ୍ଭ ମେଳା। ହେଲେ ମୀନାବଜାର ଓ ଯାତ୍ରା ଜାରି ରହିବ। ନିଶାର୍ଦ୍ଧରେ ଖଣ୍ଡିଗିରିକୁ ଦ୍ୱିତୀୟ ପର୍ଯ୍ୟାୟର ନାଟକ ହୁଲୁସ୍ଥୁଲ କରିବ। ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ ଖଣ୍ଡଗିରି ଯାତ୍ରା।

### ବିଦାୟ ନେବ ବାଦାମବାଡ଼ିର ରିକ୍ସାବାଲା

ଆଇଗଣିଆ ମହତାବ ପେଣ୍ଡାଲରେ ଅଶୋକ ସମ୍ରାଟ ପକ୍ଷରୁ ଚାଲିଥିବା ନାଟକ 'ବାଦାମ ବାଡ଼ିର ରିକ୍ସାବାଲା' ଶନିବାର ବିଦାୟ ନେବ। ପ୍ରଦୀପ ବେହେରାଙ୍କ ରଚିତ ତଥା ନିର୍ଦ୍ଦେଶିତ ଏହି ନାଟକରେ ପ୍ରତାପ, ଲିଟୁ, ଅମନ, ଚନ୍ଦନ, ବର୍ଷା, ରୀନା, ନୀର ସ୍ୱାଇଁଙ୍କ ଅଭିନୟ ଦେଖିବାକୁ ମିଳିଥିଲା। କମେଡ଼ିଆନ ଗଣେଶଙ୍କ ଚରିତ୍ର କାହାଣୀରେ ହସର ଛୁଙ୍କ ଦେଇଥିଲା। ଏଭର ଗ୍ରୀନ୍ ନାୟକ ପ୍ରତାପ ସାଜିଛନ୍ତି ବାଦାମବାଡ଼ିର ରିକ୍ସାବାଲା।

### ଆଜିର ନାଟକ

**ତୁଳସୀ ଗଣନାଟ୍ୟ–** ଅଧା ରାତିର ସାଥୀ– ମହତାବ ପେଣ୍ଡାଲ

**ସୂର୍ଯ୍ୟ ମନ୍ଦିର–** ମୁଁ ରାଜା ଝିଅ ମୁଁ ରିକ୍ସାବାଲା– ସନାତନ ସେବା ସମିତି

**ଶିବାନୀ ଗଣନାଟ୍ୟ–** ଗାନ୍ଧୀ ଭୂମିକାରେ କହ୍ନେଇ ଦାସ– ଇନ୍ଦିରା ସାଂସ୍କୃତିକ ପରିଷଦ

**ସ୍ୱର୍ଣ୍ଣ ମହଲ–** କେତେ ଦୁଖ ଦେବୁ ଦେଏରେ କାଳିଆ – ମା ମଙ୍ଗଳା ଯୁବ ପରିଷଦ

**ସ୍ୱପ୍ନ ମହଲ–** କେତେ କାନ୍ଦିବୁରେ ଗଉରା ଦାସ– ଜୟଦୁର୍ଗା ସାଂସ୍କୃତିକ ପରିଷଦ

**ରଙ୍ଗ ମହଲ–** ଜହ୍ନରେ ତୋଳିବି ଘର– ସାଇନୀଳାଦ୍ରି ଯାତ୍ରା କମିଟି

### ଗାନ୍ଧି ଭୂମିକାରେ କହ୍ନେଇ ଦାସ

କଳିଙ୍ଗ ଗଣନାଟ୍ୟର ନାଟକ କାନ୍ଦେନାରେ ବାଇଆ ମନ ଗୁରବାର ରାତିରେ ଶେଷ ହୋଇଥିଲା। କଳିଙ୍ଗର ସ୍ଥାନ ନେଇ ଶିବାନୀ ଗଣନାଟ୍ୟ ଶୁକ୍ରବାର ଯାତ୍ରା ମହାସମରରେ ସାମିଲ ହୋଇଥିଲା। ଦୀପକ ଜେନାଙ୍କ ରଚିତ ଓ ଗୁରୁ ମିଶ୍ରଙ୍କ ନିର୍ଦ୍ଦେଶିତ ନାଟକ ଗାନ୍ଧୀ ଭୂମିକାରେ କହ୍ନେଇ ଦାସ ମଞ୍ଚସ୍ଥ ହୋଇଛି। ଖଳନାୟକ ଭୂମିକାରେ କାହ୍ନା ସ୍ୱାଇଁଙ୍କର ଦମଦାର ସଂଳାପକୁ ବେଶ୍ ପ୍ରଶଂସା ସାଉଁଟିଥିଲା।

# ନିଶା କାରବାରରେ ବଢୁଛି ଯୁବକଙ୍କ ସମ୍ପୃକ୍ତି

ଖୋର୍ଦ୍ଧା,୨୩।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାରେ ନିଶା କାରବାର ଦିନକୁ ଦିନ ବଢ଼ିଚାଲିଛି। ବାରମ୍ବାର ଚଢ଼ାଉ ସତ୍ତ୍ୱେ କୌଣସି ପ୍ରଭାବ ପଡୁନାହିଁ। କମ୍ ସମୟରେ ଅଧିକ ଟଙ୍କା ରୋଜଗାର ଲାଳସାରେ ଯୁବପିଢ଼ି ଏଥିରେ ସାମିଲ ହୋଇ ବିପଥଗାମୀ ହେବା ସହ ବିଭିନ୍ନ ଆପରାଧିକ ମାମଲାରେ ଜଡ଼ିତ ରହୁଥିବା ନଜିର ରହିଛି। ଗତ ୪ବର୍ଷ ମଧ୍ୟରେ ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଶହେରୁ ଉର୍ଦ୍ଧ୍ୱ ଯୁବକ(୨୫ରୁ ୩୦ ବର୍ଷ) ରହିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଏନେଇ ପୋଲିସର ମୁଣ୍ଡ ବ୍ୟଥା ବଢ଼ାଇଥିବା ବେଳେ ବୁଦ୍ଧିଜୀବୀଙ୍କ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହା ଉପରେ ଏବେଠୁ ନିୟନ୍ତ୍ରଣ କରା ନ ଗଲେ ଆଗାମୀ ଦିନରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବ ବୋଲି ବୁଦ୍ଧିଜୀବୀମାନେ ଆଶଙ୍କା ପ୍ରକାଶ କରିଛନ୍ତି।

**ଖସିଯାଉଛନ୍ତି ମାଷ୍ଟରମାଇଣ୍ଡ**

କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍), ଜିଲା ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ଖୋର୍ଦ୍ଧା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ବ୍ରାଉନ୍‌ସୁଗାର ଜବତ ହେଉଥିବା ବେଳେ ଏହି କାରବାରର ମାଷ୍ଟରମାଇଣ୍ଡ ଧରାପଡୁନାହାନ୍ତି। ଏହି କାରବାର ପଛରେ ମାଷ୍ଟରମାଇଣ୍ଡ କିଏ, କେଉଁଠାରୁ ବ୍ରାଉନ୍‌ସୁଗାର ଆସୁଛି, ଏଥିରେ ଅନ୍ୟ କେଉଁମାନଙ୍କ ହାତ ରହିଛି, ସେମାନଙ୍କୁ ଧରିବାରେ ପୋଲିସ ଏକପ୍ରକାର ବିଫଳ ହୋଇଛି। ଛୋଟ ବେପାରୀମାନେ ଧରାପଡୁଥିବା ବେଳେ ମାଷ୍ଟରମାଇଣ୍ଡଙ୍କ ନିକଟରେ କାହିଁକି, ପାଲିସ ପହଞ୍ଚି ପାରୁନି ଏନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**୪ ବର୍ଷରେ ଶହେରୁ ଉର୍ଦ୍ଧ୍ୱ ଧରାପଡ଼ିଲେଣି**



**ସହରରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଲମ୍ବିଛି**

କୋଲକାତାରୁ ବାଲେଶ୍ୱର, ଜଳେଶ୍ୱର ଦେଇ ବ୍ରାଉନ୍‌ସୁଗାର ଖୋର୍ଦ୍ଧାରେ ପହଞ୍ଚୁଛି। ଏଠାରୁ ବିଭିନ୍ନ ଗ୍ରାମାଞ୍ଚଳ ଏବଂ ପଡ଼ୋଶୀ ଜିଲା ପୁରୀ ନିକଟବର୍ତ୍ତୀ ଅଞ୍ଚଳକୁ ପଠାଯାଉଛି। ସହରଠୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଏହି କାରବାର କାୟାବିସ୍ତାର କରିବାରେ ଲାଗିଛି। ତେବେ ଖୋର୍ଦ୍ଧାରେ ବାରମ୍ବାର ଚଢ଼ାଉ ସତ୍ତ୍ୱେ କୌଣସି ଫରକ ପଡୁନି। ଯେତିକିଧରାହେଉଛି, ସେତିକିବଢ଼ିଚାଲିଛି।

**ଦୈନିକ କୋଟିଏ ଟଙ୍କାରୁ ଉର୍ଦ୍ଧ୍ୱ କାରବାର**

ଖୋର୍ଦ୍ଧାରେ ବହୁ ବେପାରୀ ପରିବା, ଗ୍ରୋସେରି, ପାନ ଦୋକାନ, ମୋବାଇଲ ଦୋକାନ ଆଳରେ ବ୍ରାଉନ୍‌ସୁଗାର ବିକ୍ରି କରୁଥିବା ବେଳେ ଅନେକ ସମୟରେ ଧରାପଡୁଥିବା ନଜିର ରହିଛି। ଦୈନିକ କେଜିଏ ବ୍ରାଉନସୁଗାର ବିଭିନ୍ନ ଗଳାବାଟ ଦେଇ ଖୋର୍ଦ୍ଧାକୁ ଆସୁଛି। ଯାହାର ଆନୁମାନିକ ମୂଲ୍ୟ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ହେବ। ଏଠାରେ ବିଭିନ୍ନ ଅଞ୍ଚଳକୁ ବ୍ରାଉନସୁଗାର ପଠାଯାଉଛି। କିଛି ମାସ ପୂର୍ବେ ଅବକାରୀ ଗୋଇନ୍ଦା ପୋଲିସ ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ନିକଟରେ ଥିବା ଏକ ପରିବା ଦୋକାନରେ ଚଢ଼ାଉ କରି ବିପୁଳ ପରିମାଣର ବ୍ରାଉନ୍‌ସୁଗାର ଜବତ କରିଥିଲା। ଦୋକାନ ଆଳରେ ସାମ୍ରାଜ୍ୟ ବିସ୍ତାର କରି ଚାଲିଛନ୍ତି।

**କାରବାରରେ ଚୋରା ବନ୍ଧୁକ ବ୍ୟବହାର**

ବ୍ରାଉନ୍‌ସୁଗାର କାରବାରରେ ସମ୍ପୃକ୍ତ ଅଭିଯୁକ୍ତଙ୍କଠାରୁ ପୋଲିସ ଅନେକ ସମୟରେ ବନ୍ଧୁକ ଜବତ କରିଥିବା ଦେଖିବାକୁ ମିଳୁଛି। ଏକାଧିକ ଯୁବକଙ୍କ ନିକଟରେ ଚୋରା ବନ୍ଧୁକ ରହିଥିବା ଜଣାପଡ଼ିଛି। ବ୍ରାଉନସୁଗାର କାରବାରର ମାଷ୍ଟରମାଇଣ୍ଡ କୁହାଯାଉଥିବା ଜଣେ ବେପାରୀଙ୍କ ଅଧୀନରେ ଏକାଧିକ ଯୁବକ କାମ କରୁଥିବା ଚର୍ଚ୍ଚା ହେଉଛି। ତେବେ ଏହି ବନ୍ଧୁକ କେଉଁଠାରୁ ଆସୁଛି, କିଏ ଏମାନଙ୍କୁ ଯୋଗାଉଛି। ଏହି ରାକେଟ ପଛରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି। ଖୋଳତାଡ଼ କରାଗଲେ, ତାହାର ଗୁମର ଖୋଲିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

**ଲେଡି ଡନ୍, ଭଉଣୀ–ଭାଇ ଚର୍ଚ୍ଚାରେ**

ମହିଳାମାନେ ଘରେ ରହି ବ୍ରା ଉନସୁଗାର ବେପାର କରୁଥିବା ନଜିର ରହିଛି। ଗତ ୪ ବର୍ଷ ମଧ୍ୟରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଏହି କାରବାରରେ ୧୯ଜଣ ମହିଳାଙ୍କୁ ଗିରଫ କରିଛି। ଜଣେ ଲେଡି ଡନ୍ ବିଭିନ୍ନ ଛକ, ଶୂନଶାନ ଜାଗାରେ ଗ୍ରାହକଙ୍କୁ ବ୍ରାଉନ୍‌ସୁଗାର ପହଞ୍ଚାଉଥିବା ସହରରେ ଚର୍ଚ୍ଚା ଜୋର୍ ଧରିଛି। ଏପରିକି ଜେଲ ଭିତରେ ଭାଇ ଏବଂ ବାହାରେ ଭଉଣୀ ବ୍ରାଉନସୁଗାର କାରବାର ବଢ଼ାଇ ଚାଲିଛନ୍ତି ବୋଲି ଆଲୋଚନା ହେଉଛି। ଏନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

## ସଂକ୍ଷେପରେ

### ୫ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ବେଗୁନିଆ,୨୩।୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଅବକାରୀ ଥାନା ପୋଲିସ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୫ କେଜି ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ଫୁଲବାଣୀ ସଦର ଥାନା ଅନ୍ତର୍ଗତ ମାଣ୍ଡିଆପଦର ଗ୍ରାମର ଟୁକୁନା ସାହାଣୀ (୩୬)। ଏନେଇ ଅବକାରୀ ଥାନାରେ ଏକ ମାମଲା (ନଂ.୨୨୦/୨୪) ରୁଜୁ ହୋଇଛି। ଥାନା ଭାରପ୍ରାପ୍ତ ଅଧିକାରୀ ଏନ୍. ଜାଗିନ ରାଓଙ୍କ ସୂଚନା ଅନୁସାରେ, ଫୁଲବାଣୀ ଅଞ୍ଚଳରୁ ଟୁକୁନା ଗଞ୍ଜେଇ ଭର୍ତ୍ତିକରି ଖୋର୍ଦ୍ଧା ଅଭିମୁଖେ ଆସୁଥିଲେ। ଖବରପାଇ ଅବକାରୀ ଟିମ୍ ବାଘମାରୀ ଛକ ନିକଟରେ ଟୁକୁନାଙ୍କୁ କାବୁ କରିଥିଲା।

### ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

ବୋଲଗଡ଼,୨୩।୨(ଦେବବ୍ରତ ହୋତା)

ଧଳାପଥର ପଞ୍ଚାୟତ ଅଧୀନ ଠଣାପଲ୍ଲୀ ଗ୍ରାମବାସୀଙ୍କ ଦ୍ୱାରା ଭାଗବତ ବାସୁଦେବଙ୍କ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। କଳସଯାତ୍ରା ଗ୍ରାମ ପରିକ୍ରମା ପରେ ପୀଠସ୍ଥଳରେ ନମାଯଜ୍ଞ ଆରମ୍ଭ ହୋଇଥିଲା। ଗ୍ରାମବାସୀଙ୍କ ପକ୍ଷରୁ ଲକ୍ଷ୍ମଣ ପ୍ରଧାନ, ଫକୀର ଚରଣ ପ୍ରଧାନ, ପ୍ରମୋଦ ମହାପାତ୍ର, ଭାଗୀରଥି ଦାଶ, ବଳରାମ ପ୍ରଧାନ, ମାଗୁଣି ହୋତା, କୁମର ସୁବୁଦ୍ଧି ପ୍ରମୁଖ ପରିଚାଳନା କରିଥିଲେ। ମୁଖ୍ୟ ପୂଜକ ବାବାଜୀ ଚନ୍ଦ୍ର ଶେଖର ମହାପାତ୍ର ବ୍ୟାସ, ମୂଳିଆ ପ୍ରଧାନ ଉପବ୍ୟାସ ଓ ଆର୍ତ୍ତବନ୍ଧୁ ହୋତା ପୂଜକ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ତିଗିରିଆ, ତେନ୍ତୁଳିଆ,କେନ୍ଦୁପଲ୍ଲୀ, କୃଷ୍ଣପଲ୍ଲୀ ଆଦି ଗ୍ରାମର କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମବାଣୀ ପ୍ରଚାର କରିଥିଲେ। ଗ୍ରାମର ରଞ୍ଜନ ବେହେରା, ରତ୍ନାକର ପ୍ରଧାନ, ବାବୁ ପ୍ରଧାନ, ବୁବୁ ବେହେରା, ହରି ସାହୁ, ବ୍ରଜବନ୍ଧୁ ପ୍ରଧାନ ନାମ କୀର୍ତ୍ତନରେ ସହଯୋଗ କରିଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି

ନିରାକାରପୁର,୨୩।୨
(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ପାଣ୍ଡବପାଟଣା ଗ୍ରାମସ୍ଥିତ ଶ୍ରୀକପିଳେଶ୍ୱର ଦେବଙ୍କ ପୀଠରେ ଚାଲିଥିବା ୪୦ତମ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଯଜ୍ଞର ପ୍ରାରମ୍ଭରେ ଗ୍ରାମର ଶତାଧିକ ମାନସିକଧାରୀ ମହିଳା,ପୁରୁଷମାନେ ଗ୍ରାମରେ ଥିବା ପୋଖରୀରୁ ପାଣି ଉଠାଇ ଶୋଭାଯାତ୍ରାରେ ଆସି ଯଜ୍ଞ ମଣ୍ଡପରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ପରେ ରୀତିନୀତି ଅନୁଯାୟୀ ସାଲାମଣ୍ଡନ, ଅଗ୍ନି ସଂଯୋଗ, ଗୋପୂଜା, ଚଣ୍ଡୀପାଠ, ସର୍ବଦେବଦେବୀ ଆବାହନ କାର୍ଯ୍ୟ ହୋଇଥିଲା। ଏହି ଅବସରରେ ଦୈନିକ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ପୂର୍ଣ୍ଣାହୁତି ଦିବସରେ ବିଶ୍ୱର କଲ୍ୟାଣ ଉଦ୍ଦେଶ୍ୟରେ ଆହୁତ ପ୍ରଦାନ କରାଯାଇଥିଲା। ହରିବୋଲ,ହୁଳହୁଳି ଓ ନାମ ସଂକୀର୍ତ୍ତନରେ ଯଜ୍ଞ ମଣ୍ଡପ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସମସ୍ତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦକ୍ଷତା ବିକାଶ ସଚେତନତା କାର୍ଯ୍ୟକ୍ରମ

ଟାଙ୍ଗୀ,୨୩।୨(ରଘୁନାଥ ସାହୁ)

ଉତ୍କଳ ବିଶ୍ୱବିଦ୍ୟାଳୟ ଓ ନାରୁଣୀ ମହାବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ପାଇଁ ଦକ୍ଷତା ବିକାଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ବଳିୟାରସିଂହଙ୍କ ଅଧ୍ୟକ୍ଷତା କରିଥିବା ବେଳେ କ୍ୟାରିଅର କାଉନସିଲିଂ କୋଡ଼ିନେଟର ଅଧ୍ୟାପକ ଗୋଲକ ବିହାରୀ ବାରିକଙ୍କ ସଂଯୋଜନା କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ୟୁଇସିଏଚ ର ନିର୍ଦ୍ଦେଶକ ପ୍ରଫେସର ଏ. ଖାନ ଓ ଲକ୍ଷ୍ମୀଧର ଚାନ୍ଦ ଯୋଗଦେଇ ମାର୍ଗଦର୍ଶନ ଦେବା ସହ ଦକ୍ଷତାର ବିକାଶରେ ବ୍ୟକ୍ତିର ବିକାଶ ଏବଂ ବ୍ୟକ୍ତିର ବିକାଶରେ କିପରି ସମାଜର ବିକାଶ ହୋଇପାରିବ ସେ ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅରୁଣ କୁମାର ଦାଶ ଅନ୍ୟତମ ଅତିଥିଭାବେ ଯୋଗଦେଇଥିବା ବେଳେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।



ରାଧାନାଥ ରଥଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ଜଟଣୀ ବରିଷ୍ଠ ନାଗରିକ ସେବା ସଂଘ ଏବଂ ପ୍ରାଣନାଥ ପଟ୍ଟନାୟକ ଫାଉଣ୍ଡେଶନର କର୍ମକର୍ତ୍ତା।

## ରାଧାନାଥ ରଥଙ୍କ ଶ୍ରାଦ୍ଧ ଦିବସ

ଜଟଣୀ,୨୩।୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ରାମଚନ୍ଦ୍ରପୁର ବଜାରସ୍ଥିତ ବରିଷ୍ଠ ନାଗରିକ ସେବା ସଂଘ ଏବଂ ପ୍ରାଣନାଥ ପଟ୍ଟନାୟକ ଫାଉଣ୍ଡେଶନ ପକ୍ଷରୁ ଡ.ରାଧାନାଥ ରଥଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏଥିରେ ଖବରଦାତା ଅବନୀ କୁମାର ରାଉତରାୟ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ସଦସ୍ୟ ସ୍ୱର୍ଗତ ରଥଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣକରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ୱର୍ଗତ ରଥଙ୍କ କାର୍ଯ୍ୟର ଗୁଣଗାନ କରିବା ସହିତ ଆଜିର ଯୁବପିଢ଼ି ସମାଜର ହିତ ପାଇଁ ଆଗେଇ ଆସିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ତ୍ରିନାଥ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

## ସହପାଠୀଙ୍କୁ ନେଇ ଆଗକୁ ବଢ଼, ଭଲ ମଣିଷ ହୁଅ



ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ପୁରସ୍କାର ବିତରଣ ଉତ୍ସବରେ ମଞ୍ଚାସୀନ ଅତିଥି।

ଜଟଣୀ,୨୩।୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅଧୀନ ପାଣିଓରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଶ୍ମିବାଳା ପରିଡ଼ା, ମୁଖ୍ୟ ବକ୍ତା ଭଞ୍ଜନଗର ଉପେନ୍ଦ୍ର ଭଞ୍ଜ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ଅଧ୍ୟକ୍ଷ ବିମଳ ଚରଣ ସ୍ୱାଇଁ, ସମ୍ମାନିତ ଅତିଥି ଅଙ୍ଗାରପଡା ସରପଞ୍ଚ ମମତା ସାହୁ, ସମିତି ସଭ୍ୟା ସୁମିତ୍ରା ସ୍ୱାଇଁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ପୂର୍ଣ୍ଣଚନ୍ଦ୍ର ବେହେରା, ଏଲିମେଣ୍ଟାରୀ ଶିକ୍ଷକ ସଂଘ ଜଟଣୀ ସଭାପତି ଅକ୍ଷୟ କୁମାର ପାଲଟାସିଂ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରିୟରଞ୍ଜନ ସାମନ୍ତରା, ସହଯୋଗ ସେବା ଅନୁଷ୍ଠାନ ଭୁବନେଶ୍ୱର ସମ୍ପାଦିକା ବିଜୟଲକ୍ଷ୍ମୀ ରାଉତରାୟ, ଦେବେନ୍ଦ୍ର କୁମାର ରଥ, କୈଳାସ ଚନ୍ଦ୍ର ରାଉତ, ଅନ୍ତର୍ଯ୍ୟାମୀ ସାହୁଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିଧି ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଉତ୍ସବରେ ଜଣେ ଭଲ ମଣିଷ ହୋଇ ଦେଶ ସେବାରେ ନିଜକୁ ନିୟୋଜିତ କରିବା ପାଇଁ ମତପ୍ରକାଶ ପାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## କେନ୍ଦ୍ର, ରାଜ୍ୟ ବିରୋଧରେ ଗର୍ଜିଲା କଂଗ୍ରେସ

ଖୋର୍ଦ୍ଧା,୨୩।୨(ପ୍ରଭାତ ପାଣିଗ୍ରାହୀ)

କେନ୍ଦ୍ର ଓ ରାଜ୍ୟ ସରକାର ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନରେ ବିଫଳ ହୋଇଛନ୍ତି। ଲୋକଙ୍କୁ ମୌଳିକ ସୁବିଧା ଯୋଗାଇବା ପରିବର୍ତ୍ତେ ଲୁଟି ଚାଲିଛନ୍ତି। ଦୁର୍ନୀତିଖୋରଙ୍କୁ ଦଣ୍ଡ ପରିବର୍ତ୍ତେ ପୁରସ୍କାର ଦିଆଯାଉଛି। ଏଭଳି ବିଭିନ୍ନ ପ୍ରସଙ୍ଗକୁ ନେଇ ଶୁକ୍ରବାର ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ପକ୍ଷରୁ ବରୁଣେଇଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। ରାଜ୍ୟରେ ବେକାରି ସମସ୍ୟା, ଧାନର ଅଭାବୀ ବିକ୍ରି, ସମସ୍ତ ବ୍ଲକକୁ ୩୫% ଜଳସେଚନ ଯୋଗାଇବାରେ ବିଫଳତା, ଚାଷୀ ଆତ୍ମହତ୍ୟା, ଋଣଭାରରେ ଚାଷୀ ଭାରାକ୍ରାନ୍ତ, କୃଷିଜାତ ଦ୍ରବ୍ୟର ସଂରକ୍ଷଣ ବ୍ୟବସ୍ଥା ନାହିଁ। ମହିଳା, ଶିଶୁ ନିର୍ଯାତନା ବଢ଼ିଚାଲିଛି। ରାଜ୍ୟରେ ଦୈନିକ ୭ ମହିଳା ବଳାତ୍କାରର ଶିକାର ହେଉଛନ୍ତି। ଶିଶୁ ଚାଲାଣ ଦିଗରେ ଜାତୀୟସ୍ତରରେ ଓଡ଼ିଶା ପ୍ରଥମ ରାଜ୍ୟ। ଏନ୍‌ସିଆରବି ରିପୋର୍ଟ ଅନୁସାରେ, ରାଜ୍ୟରେ ମହିଳା ଓ ଶିଶୁ ନିର୍ଯାତନା ଘଟଣା ଉଦ୍‌ବେଗଜନକ ରହିଛି। ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ିବାରେ ଲାଗିଛି। ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟୟ ସ୍ଥିତିରେ ରହିଛି। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ୫୦ପ୍ରତିଶତ ଶିକ୍ଷକ ପଦବୀ ଖାଲିପଡ଼ିଛି, ଯାହା ଚିନ୍ତାଜନକ ବିଷୟ। ରାଜ୍ୟରେ ଗୁଣାତ୍ମକ ଶିକ୍ଷାର ମାନ ହ୍ରାସ ପାଇବାରେ ଲାଗିଛି। ସ୍ୱାସ୍ଥ୍ୟସେବାର ଦୟନୀୟ ସ୍ଥିତି। ଏବେ ବି ରୋଗୀଙ୍କୁ ଷ୍ଟ୍ରେଚରରେ ବୁହା ହୋଉଛି। ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ପ୍ରାଥମିକ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପଦବୀ ଖାଲିପଡ଼ିଥିବା ବେଳେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ଜିଲା କଂଗ୍ରେସ ସଭାପତି ରସିକ ଚାନ୍ଦ ପଟ୍ଟନାୟକ କହିଛନ୍ତି। ଉପରୋକ୍ତ ପ୍ରସଙ୍ଗକୁ ନେଇ ପ୍ରଦେଶ କଂଗ୍ରେସ କମିଟି ଆସନ୍ତା ୨୬ ତାରିଖରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନ ଘେରାଉ କରିବ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପିସିସି ସମ୍ପାଦକ ଶିଶିର ପରିଡ଼ା, ଝୁନା ପଟ୍ଟନାୟକ, ନଳିନୀ ବେହେରା, ବାଳକୃଷ୍ଣ ପଟ୍ଟନାୟକ, ସଞ୍ଜୟ ସୁବୁଦ୍ଧି, ପ୍ରଦୀପ ସ୍ୱାଇଁ, ସଞ୍ଜୟ ମଲିକ, ତାପସ ମିଶ୍ର, ମନୋରଞ୍ଜନ ପଟ୍ଟନାୟକ, ଜିତେନ୍ଦ୍ର ଚମ୍ପତି ପ୍ରମୁଖ ଉପସ୍ଥିତ ଥିଲେ।



ବରୁଣେଇଠାରେ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

## ବିଦ୍ୟାଳୟ ନିକଟରେ ବିଦ୍ୟୁତ୍ ସବ୍‌ଷ୍ଟେଶନ ନିର୍ମାଣକୁ ବିରୋଧ

ବୋଲଗଡ଼,୨୩।୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ପିଚୁକୁଳିସ୍ଥିତ ଆଦର୍ଶ ବିଦ୍ୟାଳୟ ନିକଟରେ ଓପିଟିସିଏଲ୍ ପକ୍ଷରୁ ଏକ ବୃହତ ବିଦ୍ୟୁତ୍ ସବ୍‌ଷ୍ଟେଶନ ନିର୍ମାଣ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଏହାକୁ ନିକଟ ଗ୍ରାମବାସୀ ବିରୋଧ କରିଛନ୍ତି। ଏହାର ପାର୍ଶ୍ୱରେ ଆଦର୍ଶ ବିଦ୍ୟାଳୟ, ଛାତ୍ରାବାସ ଓ ଜାତୀୟ ରାଜପଥ ଯାଇଛି। ଏହି ସ୍ଥାନରେ ବିଦ୍ୟୁତ୍ ଷ୍ଟେଶନ ନିର୍ମାଣ ହେଲେ ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ୍ ପାଇଁ ଅଧିକ ବ୍ରଜପାତ ସମ୍ଭାବନା ରହିଛି। ଏନେଇ ଧନ ଜୀବନ କ୍ଷତି ଘଟିବା ସମ୍ଭାବନା ନେଇ ପିଚୁକୁଳି ସରପଞ୍ଚ ଜୟନ୍ତୀ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ବୋଲଗଡ ତହସିଲଦାର ନିବେଦିତା ପରିଡାଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏହାର ବିଚାର କରି ନିର୍ମାଣ ସ୍ଥାନାନ୍ତର ପାଇଁ ନିବେଦନ କରିଛନ୍ତି। ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

## ସଡ଼କ ସୁରକ୍ଷା ସଚେତନତା, ରକ୍ତଦାନ ଶିବିର

ଖୋର୍ଦ୍ଧା,୨୩।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଆଇନସେବା ପ୍ରାଧିକରଣ (ଡିଏଲ୍‌ଏସ୍) ଆନୁକୂଲ୍ୟରେ ସ୍ଥାନୀୟ ତାଲୁକ ଆଇନସେବା କମିଟି ସହଯୋଗରେ ସ୍ଥାନୀୟ ପୂର୍ତ୍ତ ବିଭାଗ ବଙ୍ଗଳାଠାରେ ସଡ଼କ ସୁରକ୍ଷା ଆଇନ ସଚେତନତା ଏବଂ ରକ୍ତଦାନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରୁ ୨୯ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଆଇନଜୀବୀ, ପୋଲିସ ପ୍ରମୁଖ ରକ୍ତ ଦାନ କରିଥିଲେ। ଖୋର୍ଦ୍ଧା ଜିଲାଜଜ୍ ନିଶିଥ ନିଶଙ୍କ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ୍ ଅଜୟ କୁମାର ପ୍ରଧାନ, ପରିବାର ଅଦାଲତ ବିଚାରପତି ରାଜେଶ କୁମାର ନାୟାର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶରତ କୁମାର ଜେନା, ଦେୱାନୀ ବିଚାରପତି(ମହିଳା) ଚିନ୍ମୟୀ ରଥ, ଦେୱାନୀ ବିଚାରପତି(ବରିଷ୍ଠ) ସୁନୀତା କୁମାରୀ ଖଣ୍ଡେଲୱାଲ, ଏସ୍‌ଡିଜେଏମ୍ ଜଗଦୀଶ ଚନ୍ଦ୍ର ଜେନା, ଜେଏମ୍‌ଏଫ୍‌ସି ଲିପ୍ସା ରାଉତ, ଦେୱାନୀ ବିଚାରପତି (କନିଷ୍ଠ) ପ୍ରଭାତ କୁମାର ସାମଲ, ଏସ୍‌ପି ସିଦ୍ଧାର୍ଥ କଟାରିଆ ପ୍ରମୁଖ ଉପସ୍ଥିତ ଥିଲେ। ଡିଏଲ୍‌ଏସ୍ ସମ୍ପାଦିକା ସୌଦାମିନୀ ସିଂହ ସଂଯୋଜନା କରିଥିଲେ। ତାଲୁକ ଆଇନ ସେବା କମିଟି ସମ୍ପାଦକ ବସନ୍ତ ଶତପଥୀ ସହଯୋଗ କରିଥିଲେ। ଜିଲା ଓକିଲ ସଂଘ ସଭାପତି ସର୍ବେଶ୍ୱର ସାହୁ, ସମ୍ପାଦକ ମନ୍ମଥ ମିଶ୍ର, ଆଦର୍ଶ ଥାନାଧିକାରୀ ସଞ୍ଜୟ ନାୟକ, ସହକାରୀ ଆଞ୍ଚଳିକ ଅଧିକାରୀ ଅରବିନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସିଗ୍‌ମା ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର ଶୋଭାଯାତ୍ରାରେ ବାହାରି ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନ ବାର୍ତ୍ତା ଦେଇଥିଲେ।

## ସେମିରେ କଟକ ୟଙ୍ଗ୍ ଉତ୍କଳ କ୍ଲବ

**କୁଶପଲ୍ଲା ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ**

ବେଗୁନିଆ,୨୩।୨(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲ୍ଲା ମିନି ଷ୍ଟାଡିୟମରେ ଶୁକ୍ରବାର ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ୪୪ତମ ଏହି ଟୁର୍ଣ୍ଣାମେଣ୍ଟକୁ ବେଗୁନିଆ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ ଉଦ୍‌ଘାଟନ କରିଥିଲେ। ସର୍ବଭାରତୀୟ ଫୁଟ୍‌ବଲ ନୟାଗଡ ଜିଲା ସାଧାରଣ ସମ୍ପାଦକ ହଜରତ ଅଲ୍ଲୀ ଖାଁ, ଗ୍ରାମ୍ୟ କମିଟି ସଭାପତି ମହମ୍ମଦ ମହିଉଦ୍ଦିନ ଅହମ୍ମଦ, ସାମାଜିକ କର୍ମୀ ଅନୱର ଖାନ, ହାଜି ଏସ.କେ ମୁବାରକ, ସୁନିଲ କୁମାର ପଟ୍ଟନାୟକ, ଲଡୁ କିଶୋର ପଟ୍ଟନାୟକ, ଏସ୍.କେ ସମସୁଦ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପରେ ବିଶାଖପାଟଣାର ଭାଇଯାଗ ସିଟି ଫୁଟବଲ କ୍ଲବ ଓ କଟକ ୟଙ୍ଗ ଉତ୍କଳ ଫୁଟବଲ କ୍ଲବ ମଧ୍ୟରେ ମ୍ୟାଚ ହୋଇଥିଲା। ଏଥିରେ ୬–୨ ଗୋଲରେ କଟକ ୟଙ୍ଗ ଉତ୍କଳ ଫୁଟବଲ କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ରାଜୁ ମହାନ୍ତି ମ୍ୟାଚ ପରିଚାଳନା କରିଥିବା ବେଳେ ଲାଇନ୍ସରେ ବିଦେଶୀ ନାୟକ, ପ୍ରଫୁଲ୍ଲ ବେହେରା ଓ ପ୍ରିୟବ୍ରତ ବାହିନୀପତି ସହଯୋଗ କରିଥିଲେ। ରମାକାନ୍ତ ପାତ୍ର ଓ ଫୈଜଲ ହୁସେନ ଖାଁ ମ୍ୟାଚରଧାରା ବିବରଣୀ ପ୍ରଦାନ କରିଥିଲେ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

## ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ: ହରିପୁରପାଟଣା ଚାମ୍ପିୟନ



ଅତିଥିଙ୍କଠାରୁ ଚାମ୍ପିୟନ ଟିମର ଖେଳାଳି ଟ୍ରଫି ଓ ଚେକ୍ ଗ୍ରହଣ କରୁଛନ୍ତି।

ବୋଲଗଡ଼,୨୩।୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତ ଇଚ୍ଛାପୁର ଗ୍ରାମ ଖେଳପଡିଆରେ ଚାଲିଥିବା ତ୍ରିଦିବସୀୟ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ହରିପୁରପାଟଣାର ରାଜା ଇଲେଭେନ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ବୋଲଗଡ଼ର ଏଲେଭେନ ଷ୍ଟାର କ୍ରିକେଟ କ୍ଲବ ଓ ହରିପୁରପାଟଣାର ରାଜା ଇଲେଭେନ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି ବୋଲଗଡ଼ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୫ ଉଇକେଟ ବିନିମୟରେ ୪୩ ରନ ସଂଗ୍ରହ କରିଥିଲା। ଜବାବରେ ହରିପୁରପାଟଣା ଟିମ ୭.୩ ଓଭରରେ ୩ ଉଇକେଟ ବିନିମୟରେ ୪୪ରନ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଜୁଲଫିକର ମୁମତାଜ ଓ ଲଳିତ କୁମାର ରାଉତ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ଅନାଦି ସାହୁ, ବୁଲୁ ସାହୁ ଓ ଅମୂଲ୍ୟ ତ୍ରିପାଠୀ ଯୋଗଦେଇ ଚାମ୍ପିୟନ ଟିମକୁ ଟ୍ରଫି ସହ ୧୨ହଜାର ଟଙ୍କା ଓ ରନର୍ସଅପ ଟିମକୁ କପ୍ ସହ ୮ହଜାର ଟଙ୍କା ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ଫାଇନାଲ, ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ, ବେଷ୍ଟ ବ୍ୟାଟ୍ସମ୍ୟାନ, ବେଷ୍ଟ ବୋଲର ଓ ଫିଲଡର ଆଦି ପୁରସ୍କାର ପ୍ରଦାନ କରାଯାଇଥିଲା। ଇଚ୍ଛାପୁର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟ ପରିଚାଳନାରେ କ୍ଲବ ସଦସ୍ୟ ଲୁଲୁ ଖାଁ, ସଇଦୁଦ୍ଦିନ ଖାଁ, ଏହସାନ ଖାଁ, ରହିମ ଖାଁ ପ୍ରମୁଖ ସହଯୋଗ କରିଥିଲେ।

## ଅଁଳାଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଦେଉଳଟାଙ୍ଗୀ, ପାନବରଜ ସେମିରେ

ଖୋର୍ଦ୍ଧା,୨୩।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡା ପଞ୍ଚାୟତ ଉଇଲକିଶନ ନଗର ଗ୍ରାମରେ ଚାଲିଥିବା ମା' ଅଁଳାଇ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶୁକବାର ଦୁଇଟି ମ୍ୟାଚ ଖେଳାଯାଇଥିଲା। ସ୍ଥାନୀୟ ଖେଳପଡିଆରେ ପ୍ରଥମ ମ୍ୟାଚ ଆୟୋଜକ ନୂଆଗାଁ ଓ ଦେଉଳଟାଙ୍ଗୀ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଦେଉଳଟାଙ୍ଗୀ ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୨୧୮ରନ ସଂଗ୍ରହ କରିଥିଲା। ଜବାବରେ ନୂଆଗାଁ ଟିମ୍ ୯ଉଇକେଟ ବିନିମୟରେ ୧୧୨ ରନ ସଂଗ୍ରହ କରିଥିଲା। ଫଳରେ ଦେଉଳଟାଙ୍ଗୀ ଟିମ୍ ମ୍ୟାଚ୍ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ସେହିପରି ଦ୍ୱିତୀୟ ମ୍ୟାଚ୍ ଗୁରୁଜଙ୍ଗ ଓ ପାନବରଜ ମଧ୍ୟରେ ହୋଇଥିଲା। ଟସ୍ ଜିତି ଗୁରୁଜଙ୍ଗ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୧୦ରନ ସଂଗ୍ରହ କରିଥିଲା। ଜବାବରେ ପାନବରଜ ଟିମ୍ ୧୩ଓଭରରେ ୪ଉଇକେଟ ବିନିମୟରେ ୧୧୪ ରନ ସଂଗ୍ରହ କରି ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ପାନବରଜ ଟିମର ସୌମେନ୍ଦ୍ର ଏବଂ ଦେଉଳଟାଙ୍ଗୀର ଗଙ୍ଗାଧର ବେହେରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଛି। ଅତିଥିଭାବେ ରାଜ୍ୟ ପର୍ଯ୍ୟଟନ ବିଭାଗ ଉପଦେଷ୍ଟା ଦୁର୍ଗାପ୍ରସାଦ ସାମନ୍ତରାୟ, ଶିକ୍ଷକ ବିଭୂତି ଭୂଷଣ ଜେନା, ଯୁବନେତା ଆକାଶ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କୃଷ୍ଣଚନ୍ଦ୍ର ସାହୁ, ଅସିତ୍ ସତପଥୀ, ପ୍ରକାଶ ସାହୁ, ମିହିର ପ୍ରଧାନ, ସଞ୍ଜିବ ବିଶ୍ୱାଳ, ସାଗର ବଳିୟାରସିଂ, ସୂର୍ଯ୍ୟକାନ୍ତ ସାମନ୍ତରାୟ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



**ଆଜି ମହାପ୍ରଭୁଙ୍କ ଗଜ ଉଦ୍ଧାରଣ ବେଶ**

ପୁରୀ,(ଅଜିତ୍ ମହାନ୍ତି): ପବିତ୍ର ମାଘମାସ ପୂର୍ଣ୍ଣିମା ଶନିବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଗଜଉଦ୍ଧାରଣ ବେଶ ଅନୁଷ୍ଠିତ ହେବ। ଦ୍ୱିପ୍ରହର ଧୂପ ପରେ ମହାପ୍ରଭୁଙ୍କୁ ପତନି ଲାଗି କରାଯିବ। ଏହାପରେ ଘଟୁଆରୀଙ୍କ ଦ୍ୱାରା ଘୋରା ହୋଇଥିବା ଚନ୍ଦନକୁ ରୂପା ପିଙ୍ଗଣରେ ପାଳିଆ ପୁଷ୍ପାଳକ ଆଣିବା ପରେ ତିନି ବାଡ଼ରେ ସର୍ବାଙ୍ଗ ନୀତି ବା ଚନ୍ଦନ ଲାଗି କରାଯିବ। ମହାଜନ ସେବକମାନେ ଶ୍ରୀଦେବୀଙ୍କୁ ଦକ୍ଷିଣୀ ଘରେ ଏକ ଖଟ ଉପରେ ବିଜେ କରାଇବେ। ପରେ ମହାପ୍ରଭୁଙ୍କ ବେଶ ଅନୁଷ୍ଠିତ ହେବ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୩।୨।୨୦୨୪

| | |
|---|---|
| ୩.୦୮.୨୨୭ ଟଙ୍କା | |
| ସୁନା | ୪.୨୦୦ ଗ୍ରାମ୍ |
| ରୁପା | ୩୧.୨୦୦ ଗ୍ରାମ୍ |

## ସଂକ୍ଷେପରେ

### କରତ କଳରେ ଚଢ଼ାଉ: ୫ ଲକ୍ଷ ଟଙ୍କାର ଯନ୍ତ୍ରାଂଶ ଜବତ

ଚାରିଛକ,୨୩।୨(ଶିଶିର ସ୍ୱାଇଁ):

ଚାରିଛକ ଥାନା ଅଧୀନ ଆମ୍ବର ଛକ ନିକଟରେ ଥିବା ଏକ କରତ କଳ ଉପରେ ଭିଜିଲାନ୍ସ ବିଭାଗ ଭୁବନେଶ୍ୱର ଓ ଅସ୍ତରଙ୍ଗ ଏବଂ ଗୋପ ଫରେଷ୍ଟ ବିଭାଗ ପକ୍ଷରୁ ଶୁକ୍ରବାର ମିଳିତ ଚଢ଼ାଉ କରାଯାଇଛି। ଚଢାଉ ବେଳେ ପ୍ରାୟ ୫ ଲକ୍ଷ ଟଙ୍କାର ଯନ୍ତ୍ରାଂଶ ଜବତ ହୋଇଛି। ବେଆଇନ କରତ କଳ ସ୍ଥାପନ କରି ଦୈନନ୍ଦିନ ଟ୍ରିପ୍ ଟ୍ରିପ୍ ବେଆଇନ ଭାବେ କାଠ ଆଣି ବଜାରରେ ଚଢା ଦରରେ ବିକ୍ରି କରାଯାଉଥିବା ବୋଲି ଜଣାପଡ଼ିଛି। ଚଢ଼ାଉରେ ଭିଜିଲାନ୍ସ ବିଭାଗର ଏସିଏନ୍ ସାଧନା ପ୍ରିୟଦର୍ଶିନୀ ସ୍ୱାଇଁ, ନିମାପଡ଼ା ଫରେଷ୍ଟ ଅଫିସର ପ୍ରଦୀପ୍ତ କୁମାର ପାଣିଗ୍ରାହୀ, ଗୋପର ପ୍ରଶନ୍ନ କୁମାର ପତି, କୋଣାର୍କର ଯୋଗେନ୍ଦ୍ର ପ୍ରଧାନ ଓ ଅସ୍ତରଙ୍ଗର ମୋନାଲିସା ମହାପାତ୍ର କାର୍ଯ୍ୟରେ ଯୋଗଦେଇଥିବା ବେଳେ ଚାରିଛକ ଥାନା ଅଧିକାରୀ ସଂଗ୍ରାମ କେଶରୀ ସ୍ୱାଇଁ ଉପସ୍ଥିତ ରହି ସହଯୋଗ କରିଥିଲେ।

### ହିତାଧିକାରୀଙ୍କୁ ସହାୟତା ରାଶି ବଣ୍ଟନ

ଗୋପ,୨୩।୨(ଭାରତୀ ଭୂଷଣ ଉପାଧ୍ୟାୟ):

ଗୋପ ବ୍ଲକ ଅନ୍ତର୍ଗତ ୩୧ଟି ପଞ୍ଚାୟତର ୩୭ ହଜାର ୬୮୦ ଜଣ ରାଶନ୍ କାର୍ଡ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯିବ। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ବ୍ଲକ ଯୋଗାଣ ନିରୀକ୍ଷକ ପ୍ରଦୀପ କୁମାର ସେଠୀ ସୂଚନା ଦେଇଛନ୍ତି। ଶୁକ୍ରବାର ପ୍ରଥମ ପର୍ଯ୍ୟାୟରେ ନାଗପୁର, କୁଆଁପଡା, ବଣିଆସାହି, ବଡ଼ଗାଁ, ବନ୍ତଳିଗ୍ରାମ, ଛଇତନା, ସୁତନ, ବଡତରା, ବନାଖଣ୍ଡି, ଶିମିଳି, ତରକୋର, ମହଲପଡା, ଅଚ୍ୟୁତପୁର ପଞ୍ଚାୟତ ସହିତ ୧୮ଟି ପଞ୍ଚାୟତରେ ଏହି ସହାୟତା ରାଶି ବଣ୍ଟନ ଆରମ୍ଭ ହୋଇଛି। ୨୫ ତାରିଖରେ ଅବଶିଷ୍ଟ ପଞ୍ଚାୟତରେ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯିବ। ୮୨ଟି ଡିଲର କେନ୍ଦ୍ରରେ ୮୨ ଜଣ ଶିକ୍ଷକଙ୍କୁ ଏହି ଦାୟିତ୍ୱ ଦିଆଯାଇଥବା ବିଡିଓ ଛବିରାଣୀ ସାହୁ କହିଛନ୍ତି। ଏହି ରାଶି ବଣ୍ଟନ କ୍ଷେତ୍ରରେ କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ କହିଛନ୍ତି।

### ନିମାପଡ଼ାରେ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର

ଚାରିଛକ,୨୩।୨(ଶିଶିର ସ୍ୱାଇଁ):

ହେରିଟେଜ ଫୁଡ୍ସ ଲିମିଟେଡ୍ କମ୍ପାନୀ ପକ୍ଷରୁ ନିମାପଡ଼ା ବ୍ଲକ ଅଧୀନ ତୁଳସୀପୁର ବଜାରରେ ଏକ ନୂଆ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ବୁଧବାର ଖୋଲାଯାଇଛି। ଏହି କେନ୍ଦ୍ରକୁ କମ୍ପାନୀର ଓଡ଼ିଶା ମୁଖ୍ୟ ବିଶ୍ୱଜିତ୍ ମହାନ୍ତି ଉଦ୍ଘାଟନ କରିଥିଲେ। ତୁଳସୀପୁର ଶାଖାର ମୁଖ୍ୟ ସୁଶାନ୍ତ ସ୍ୱାଇଁ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନା କରିଥିଲେ। ଉକ୍ତ ନୂତନ ଦୁଗ୍ଧ କମ୍ପାନୀ ପୁରୀ ଜିଲାରେ ଗୋ ଚାଷୀଙ୍କ ଉନ୍ନତି କରିବା ସହିତ ଦୁଗ୍ଧର ଉଚିତ୍ ମୂଲ୍ୟ ପ୍ରଦାନ କରିବା ତାହା ପୁଣି ସିଧା ସଳଖ ଗୋ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଯିବ। ତା ସହିତ ଗୋ ଚାଷୀଙ୍କ ପାଇଁ ଦୁର୍ଘଟଣା ଜନିତ ମାଗଣା ବୀମା ଏବଂ ବୋନସର ସୁବିଧା ନିଶ୍ଚିତ ସ୍ଥାନୀୟ ଗୋ ଚାଷୀଙ୍କ ମନୋବଳ ବୃଦ୍ଧିରେ ସହାୟକ ହେବ ବୋଲି ହେରିଟେଜ କମ୍ପାନୀ ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସମୀର ଗୁରୁ, ସନ୍ତୋଷ ସାହୁ, ସନ୍ତୋଷ କୁମାର, ଯୋଗେସର ରାଓ, ମନମୋହନ ସାହୁଙ୍କ ସମେତ କମ୍ପାନୀର ଅନ୍ୟ ସହଯୋଗୀ ଉପସ୍ଥିତ ଥିଲେ। ନୂତନ ଦୁଗ୍ଧ କମ୍ପାନୀ ଆଗମନରେ ସ୍ଥାନୀୟ ଗୋଚାଷୀଙ୍କ ମନରେ ନୂଆ ଆଶା ସଞ୍ଚାର ହୋଇଥିବା ପରିଲକ୍ଷିତ ହୋଇଛି।

# ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା ଉପରେ ଗୁରୁତ୍ୱ

ପୁରୀ,୨୩।୨(ଅଜିତ୍ ମହାନ୍ତି)

**ପୋଲିସ-ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ**

ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଶୁକ୍ରବାର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ପୋଲିସ –ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ବିଜୟ କୁମାର ଦାଶ କହିଥିଲେ, ଗଣତନ୍ତ୍ରର ମହାପର୍ବ ନିର୍ବାଚନ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା। ଏହାକୁ ସାମୂହିକ ସହଯୋଗ ଓ ପାରସ୍ପରିକ ସମନ୍ୱୟର ସହ ପାଳନ କରିବା ଉଚିତ। ଉଭୟ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପାଇଁ ନିର୍ବାଚନ ଏକ ଆହ୍ୱାନ ଓ ଏହାକୁ ସମ୍ମିଳିତ ସହଯୋଗରେ ସଫଳ କରିବାକୁ ସେ ଆହ୍ୱାନ ଦେଇଥିଲେ। ଜିଲା ଆରକ୍ଷୀ ଅଧିକ୍ଷକ ପିନାକ ମିଶ୍ର କହିଥିଲେ, କେବଳ ନିର୍ବାଚନ ନୁହେଁ ସମସ୍ତ କାର୍ଯ୍ୟରେ ପୋଲିସ ଓ ମାଜିଷ୍ଟ୍ରେଟଙ୍କ ମଧ୍ୟରେ ସମନ୍ୱୟ ଜରୁରୀ। ପୁରୀଜିଲାରେ ସବୁବେଳେ ବିଭିନ୍ନ ଆଇନ ଶୃଙ୍ଖଳା ପାଇଁ ସଜାଗ ରହିବାକୁ ପଡିଥାଏ। ତେଣୁ ପାରସ୍ପରିକ ସହଯୋଗ ନେଇ କାମ କଲେ ସମସ୍ତ କାର୍ଯ୍ୟ ସହଜ ହୋଇପାରିବ ବୋଲି ସେ କହିଥିଲେ। ଆଗାମୀ ନିର୍ବାଚନରେ ସମ୍ବେଦନଶୀଳ, ଅତି ସମ୍ବେଦନଶୀଳ ବୁଥ ଚିହ୍ନଟ, ସେଥିପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ, ମିଳିତ ଭାବେ ନିର୍ବାଚନ ମଣ୍ଡଳୀର ବୁଥ ପରିଦର୍ଶନ ଓ ନିରୀକ୍ଷଣ, ନିର୍ବାଚନ ପୂର୍ବରୁ, ନିର୍ବାଚନ ସମୟରେ ଓ ନିର୍ବାଚନ ପରବର୍ତ୍ତୀ ଅବସ୍ଥାର ଆକଳନ ସହ କୌଶଳ ନିର୍ଦ୍ଧାରଣ, ସୁରକ୍ଷା, ଆଇନ ଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ ଇତ୍ୟାଦି ସମ୍ପର୍କରେ ବିଶଦ ଆଲୋଚନା କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକ, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା ଏବଂ ଅନ୍ୟାନ୍ୟ ମାଜିଷ୍ଟ୍ରେଟ ଓ ପୋଲିସ ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




ଗ୍ଲୋବାଲ୍ ଆର୍ଟିଷ୍ଟ ଫୋରମ୍ ପକ୍ଷରୁ ପୁରୀରେ ଆୟୋଜିତ 'ପ୍ରତିବିମ୍ବ' କାର୍ଯ୍ୟକ୍ରମରେ ଅତିଥି ଏବଂ କଳାକାରମାନେ ।

## ଗ୍ଲୋବାଲ ଆର୍ଟିଷ୍ଟ ଫୋରମ୍ ପକ୍ଷରୁ 'ପ୍ରତିବିମ୍ବ'

ପୁରୀ,୨୩।୨(ଅଜିତ୍ ମହାନ୍ତି)

ଗ୍ଲୋବାଲ୍ ଆର୍ଟିଷ୍ଟ ଫୋରମ୍ ପକ୍ଷରୁ ପୁରୀରେ 'ପ୍ରତିବିମ୍ବ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହା ୩ଦିନ ଧରି ଚାଲିବ। ଶୁକ୍ରବାର ଏବଂ ଶନିବାର ପୁରୀ ବେଳାଭୂମି ଠାରେ ଆୟୋଜିତ ହେବାକୁ ଥିବାବେଳେ ରବିବାର ୨୫ ତାରିଖରେ କୋଣାର୍କ ଠାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଓଡ଼ିଶାର ଇତିହାସର ସଂସ୍କୃତି, ଐତିହ୍ୟ ଓ ସମୃଦ୍ଧିକୁ ଚିତ୍ରକଳା ମାଧ୍ୟମରେ ପ୍ରତିପାଦିତ କରିବାକୁ ପ୍ରୟାସ କରାଯାଇଛି। ଫୋରମ୍‌ର ସମ୍ପାଦକ ବିଶ୍ୱରଞ୍ଜନ ଚୌଧୁରୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିନେ ପ୍ରଯୋଜକ ଏନ୍ ଗଙ୍ଗାଧର ରେଡ୍ଡି ସାମିଲ ଥିଲେ। ସମ୍ମାନିତ ଅତିଥି ଭାବେ ଖ୍ୟାତନାମା ଚିତ୍ରଶିଳ୍ପୀ ଫିର୍ଦୋସୀ ତବସୁମ୍ ଯୋଗ ଦେଇଥିଲେ। ପ୍ରତ୍ୟେକ କଳାକାର ନିଜ ପରିଚୟ ସୃଷ୍ଟି କରିବା ଓ ଅସୁବିଧାରେ ସେମାନଙ୍କ ସହ ଛିଡାହେବା ପାଇଁ ଫୋରମ୍ ପ୍ରତିଶ୍ରୁତିବଦ୍ଧ ବୋଲି କହୁଯାଇଥିଲା। ଏହି ଅବସରରେ ଅଭିନେତ୍ରୀ ଦୀପାମିଶ୍ର ଏବଂ ଐଶ୍ୱର୍ଯ୍ୟା ବେହେରା କାର୍ଯ୍ୟକ୍ରମରେ ଯୋଗଦାନ କରି କହିଥିଲେ, ଅତୀତର ସଂସ୍କୃତିକୁ ଗ୍ଲୋବାଲାଇଜେଶନ୍ କରିବାର ସମୟ ଆସିଛି। ଅଭିନେତ୍ରୀ ଦୀପା ମନୋରଞ୍ଜନ ବାତାବରଣ ସୃଷ୍ଟି କରିଥିଲେ। ଶନିବାର ବେଳାଭୂମିରେ ଚିତ୍ର ପ୍ରଦର୍ଶନୀ ହେବ। ଏଥିରେ ଚିତ୍ରଶିଳ୍ପୀମାନେ ଲାଇଭ୍ ଚିତ୍ର ଆଙ୍କିବେ। ଏହା ସହ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

## କପାଳମୋଚନ ମହାଦେବଙ୍କ ମନ୍ଦିରରୁ ପ୍ରାଚୀନ ମୂର୍ତ୍ତି ଚୋରି

ପୁରୀ,୨୩।୨(ମ୍‌ଅଜିତ୍ ମହାନ୍ତି)

**ତଦନ୍ତ ଆରମ୍ଭ**

ଶ୍ରୀମନ୍ଦିର ପଶ୍ଚିମ ଏବଂ ଦକ୍ଷିଣ ଦିଗରେ ଗାଣ୍ଡୁଆଚଉରା ଛକ ନିକଟରେ ଥିବା ବାବା କପାଳମୋଚନ ମହାଦେବଙ୍କ ମନ୍ଦିରରୁ ନୃସିଂହ ମୂର୍ତ୍ତି ଚୋରି ହୋଇଥିବା ନେଇ ଟାଉନ ଥାନରେ ଏକ ଅଭିଯୋଗ ହୋଇଛି। ଗୁରୁବାର ବିଳମ୍ବିତ ରାତିରେ କୌଣସି ଦୁର୍ବୃତ୍ତ ବାବା କପାଳମୋଚନଙ୍କ ମନ୍ଦିରରେ ପଶି ବହୁ ପୁରାତନ ପଥରର ନୃସିଂହ ମୂର୍ତ୍ତି ଚୋରି କରିଥିବା ଅଭିଯୋଗ ହୋଇଛି। ବାବା କପାଳମୋଚନ ହେଉଛନ୍ତି ଶ୍ରୀକ୍ଷେତ୍ରର ପଞ୍ଚ ମହାଦେବଙ୍କ ମଧ୍ୟରୁ ଅନ୍ୟତମ। ଶ୍ରୀମନ୍ଦିରର ବିଭିନ୍ନ ନୀତିକାନ୍ତି ସହ ବାବା କପାଳମୋଚନ ଅଙ୍ଗାଙ୍ଗୀ ଭାବେ ଜଡିତ। ପୂର୍ବରୁ ପୁରୀ ଆଶ୍ରମ ଛକ ନିକଟରେ ଥିବା ବାବା ମୁକ୍ତେଶ୍ୱରଙ୍କ ମନ୍ଦିରରରୁ ଚୋରି ହୋଇଥିଲା। ପୁରୀ ପୋଲିସ ମୁକ୍ତେଶ୍ୱର ମନ୍ଦିରରୁ ଚୋରି ହୋଇଥିବା ମୂର୍ତ୍ତି ଓ ଅଳଙ୍କାର ଜବତ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ତେବେ ପୁଣି ଥରେ ଶ୍ରୀମନ୍ଦିର ନିକଟରେ ଥିବା ବାବା କପାଳ ମୋଚନଙ୍କ ମନ୍ଦିରରୁ ନୃସିଂହ ମୂର୍ତ୍ତି ଚୋରି ଏବେ ପୋଲିସ ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାବା କପାଳମୋଚନଙ୍କ ମନ୍ଦିର ପରିସରରୁ ମୂର୍ତ୍ତି ଚୋରି ଘଟଣାକୁ ନେଇ ମନ୍ଦିର ପକ୍ଷରୁ ଟାଉନ ଥାନାରେ ଏତଲା ଦିଆଯିବା ପରେ ଶୁକ୍ରବାର ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

## ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ପିପିଲିର ୬ ବିଦ୍ୟାଳୟ

ପିପିଲି,୨୩।୨(ପ୍ରଭାତ ମହାପାତ୍ର):

ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ଶ୍ରେଷ୍ଠ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ଭାବେ ପିପିଲି ବ୍ଲକର ୩ଟି ବିଦ୍ୟାଳୟ ଶ୍ରେଷ୍ଠ ପୁରସ୍କାର ଗ୍ରହଣ କରିଛି। ପୁରୀରେ ହୋଇଥିବା ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ପ୍ରାଥମିକ ସ୍ତରରେ ୩ଟି ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ସ୍ତରରେ ୩ଟି ବିଦ୍ୟାଳୟ ଶ୍ରେଷ୍ଠ ବିଦ୍ୟାଳୟ ଭାବେ ବିବେଚିତ ହୋଇଛି। ପିପିଲିର ଭବାନୀପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଥମ ସ୍ଥାନ, ସିରିଆପୁର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ଓ ପ୍ରଧାନସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଛି। ସେହିଭଳି ହାଇସ୍କୁଲ ସ୍ତରରେ ନହଲାପଡ଼ା ଉଚ୍ଚ ବିଦ୍ୟାଳୟ ପ୍ରଥମ ସ୍ଥାନ, ପତିତପାବନ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ଓ ସ୍ୱପ୍ନେଶ୍ୱରଦେବ ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ପାଇ ପିପିଲି ବ୍ଲକ ପାଇଁ ଗୌରବ ଆଣିଦେଇଛି। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ଜିଲାପାଳ ବିଜୟ ଦାଶ ଯୋଗଦେଇ ପ୍ରଥମ ୩ଟି ସ୍ଥାନ ଅଧିକାର କରିଥିବା ପିପିଲି ବ୍ଲକ ଉଭୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ସାର୍ଟିଫିକେଟ୍ ସହ ଅର୍ଥରାଶି ପ୍ରଦାନ କରିଥିଲେ। ସେହିପରି ପିପିଲି ବ୍ଲକର ଶ୍ରେଷ୍ଠ ପ୍ରାଥମିକ ଶିକ୍ଷକ ଭାବେ ଭବାନୀପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀ ନନ୍ଦିତା ଜେନା ଓ ପ୍ରଧାନ ଶିକ୍ଷକ ସୁକାନ୍ତ ନାୟକ ସାର୍ଟିଫିକେଟ ପୁରସ୍କାର ଅର୍ଥରାଶି ଗ୍ରହଣ କରିଥିଲେ। ଏନେଇ ପିପିଲି ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ନନ୍ଦ, ଜିଲା ଶିକ୍ଷା ଶାସ୍ତ୍ର ସଂଯୋଜକ ରମେଶ ବଲ୍ଲଭ ସାହୁ, ଜିଲା ପ୍ରାଥମିକ ଶିକ୍ଷକ ସଂଘ ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର ନାୟକ, ପିପିଲି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଉପଦେଷ୍ଟା ପ୍ରଭାତ ଦାଶ, ଉମେଶ ପତି ଓ ସୁଧୀର ପରିଡ଼ା ସମସ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

## କବିତା ପୁସ୍ତକ 'ଉତ୍କଳେ ଚିଲିକା' ଲୋକାର୍ପିତ

କଣାସ,୨୩।୨(ବିଭୂତି ଭୂଷଣ ତ୍ରିପାଠୀ):

ଗୋପିନାଥପୁର ପଞ୍ଚାୟତର ଜାଗୁଳେଇପଦର ପାଲାମଣ୍ଡପରେ ପୀତବାସ ବେହେରାଙ୍କ ଲିଖିତ କବିତା ପୁସ୍ତକ 'ଉତ୍କଳେ ଚିଲିକା ଲୋକାର୍ପିତ' ହୋଇଯାଇଛି। ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ବିଭୂତି ଭୂଷଣ ପଟ୍ଟନାୟକ, ଗଡିଶାଗୋଦା ଥାନା ଆଇଆଇସି ଦୁର୍ଗାଚରଣ ମହାପାତ୍ର, ଶିଶୁ ସାହିତ୍ୟିକ ଡ. ହେମନ୍ତ କୁମାର ଛୋଟରାୟ, ଅଗ୍ନିଶମ ଅଧିକାରୀ ସତ୍ୟପ୍ରିୟ ବେହେରା, ମତ୍ସ୍ୟଜୀବୀ ମହାସଂଘର ପୂର୍ବତନ ସମ୍ପାଦକ ଅନାଦି ବେହେରା, ଶିକ୍ଷାବିତ୍ ମୃତ୍ୟୁଞ୍ଜୟ ଦକ୍ଷିଣରାୟ ପ୍ରମୁଖ ଯୋଗଦେଇ କବିତା ପୁସ୍ତକକୁ ଉନ୍ମୋଚନ କରିଥିଲେ। ଏହି ଉତ୍ସବରେ ଅନେକ କବି, ସାହିତକ, ଶିକ୍ଷାବିତ୍ ଯୋଗଦେଇଥିଲେ।



କବିତା ପୁସ୍ତକ 'ଉତ୍କଳେ ଚିଲିକା'କୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି ।

### ଲାଞ୍ଚ ନେଇ ପାଚିକା ନିଯୁକ୍ତି ଅଭିଯୋଗ

ଚାରିଛକ,୨୩।୨(ଶିଶିର ସ୍ୱାଇଁ):

ଚାରିଛକ ଥାନା ଅଧୀନ ତୁଳସୀପୁର ପଞ୍ଚାୟତ ଛବାଟିଆ ପ୍ରାଥମିକ ବିଦ୍ୟାଳୟରେ ପାଚିକା ପଦବୀରେ ପରିଚାଳନା କମିଟି ବୈଠକ ନିଷ୍ପତ୍ତିରେ ଜଣଙ୍କୁ ରଖାଯାଇଥିବାବେଳେ ତାଙ୍କ ବଦଳରେ ଅନ୍ୟ ଜଣଙ୍କୁ ରଖାଯାଇଥିବା ଅଭିଯୋଗ ହୋଇଛି। ଏନେଇ ପରିଚାଳନା କମିଟି ସଭାପତି ଦିଲୀପ ଦାସ, ସଭ୍ୟାସଭ୍ୟ ଅଭିଯୋଗ କରିଛନ୍ତି। ଗତ ଜାନୁଆରୀ ୨୫ରେ ବୈଠକରେ ଜଣଙ୍କୁ ନିଯୁକ୍ତି କରାଯାଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଚକ୍ରାନ୍ତ କରି କମିଟି ସଭାପତି, ସଭ୍ୟାସଭ୍ୟଙ୍କଠାରୁ ଆଗୁଆ ଦସ୍ତଖତ କରି ମୋଟା ଅଙ୍କରେ ହାତ ଗୁଞ୍ଜା ନେଇ ତାଙ୍କ ପରିବର୍ତ୍ତେ ଅନ୍ୟଜଣଙ୍କୁ ରଖିଛନ୍ତି। ସଭାପତି ଦାସ, ସଭ୍ୟ ଅଭୟ ଦାସ, ୱାର୍ଡ ସଭ୍ୟ ବିଜୟ ଦାସ, ନିରଞ୍ଜନ ଭୋଇ ରଘୁନାଥ ଦାସ, ଜଗନ୍ନାଥ ଦାସ, ରାମଚନ୍ଦ୍ର ଦାସ, ଅଲୋକ ଦାସ ଏ ଦିଗରେ ଜିଲାପାଳ, ବିଭାଗୀୟ ସଚିବ, ଗଣଶିକ୍ଷା ବିଭାଗ, ଡିଇଓ, ବିଇଓଙ୍କୁ ଅଭିଯୋଗ କରିଛନ୍ତି।

### ୧୨୦୦ ଲିଟର ପୋଚ, ଦେଶୀମଦ ଜବତ

ସାକ୍ଷୀଗୋପାଳ,୨୩।୨(ଭରତ ରାଉତ/ ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର):

ସତ୍ୟବାଦୀ ଥାନା ଭାରପ୍ରାପ୍ତ ଅଧିକାରୀ ବିଜୟ କେତନ ବେହେରାଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ସାଣ୍ଡରା ପଞ୍ଚାୟତ ଷୋଳହଳ ଗ୍ରାମର କେନାଲ ରାସ୍ତା ଘଞ୍ଚ ଜଙ୍ଗଲ ପାଖ ନାଳ ରାସ୍ତାରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ଦେଶୀ ମଦ ଜବତ କରିଛି। ସୂଚନା ଅନୁଯାୟୀ, ଶୁକ୍ରବାର ସକାଳେ ପୋଲିସ ଏକ ବିଶେଷ ସୂତ୍ରରୁ ଖବର ପାଇ ଚଢ଼ାଉ କରି ପ୍ଲାଷ୍ଟିକ ଜାର୍କିନରେ ଗଚ୍ଛିତ ଥିବା ୧୨୦୦ ଲିଟର ରନ୍ଧାମଦ ନଷ୍ଟ କରିବା ସହ ରୋଷେଇ ନିମନ୍ତେ ବ୍ୟବହୃତ ରନ୍ଧା ସାମଗ୍ରୀ ଜବତ କରିଛି। ଚଢ଼ାଉ ବେଳେ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ଏ ନେଇ କେସ୍ ନଂ. ୭୪/୨୪ ରୁଜୁ କରାଯାଇଛି।

### ବିକଶିତ ଭାରତ ସଂକଳ୍ପ ଯାତ୍ରା କାର୍ଯ୍ୟକ୍ରମ

ଅସ୍ତରଙ୍ଗ, ୨୩।୨(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଦେଶର ପ୍ରତି ପଞ୍ଚାୟତ ଓ ସହରାଞ୍ଚଳରେ ଭାରତର ବିକାଶମୂଳକ ପ୍ରସଙ୍ଗ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ପାଇଁ 'ବିକଶିତ ଭାରତ ସଂକଳ୍ପ ଯାତ୍ରା', ମୋଦିଙ୍କ ଗ୍ୟାରେଣ୍ଟି ହେଉଛି ଯୁବବର୍ଗଙ୍କ ଆତ୍ମନିର୍ଭର ଓ କୃଷକଙ୍କ ଆର୍ଥିକ ଉନ୍ନତି ଗରିବଙ୍କ ବିକାଶ, ମହିଳା ସଶକ୍ତୀକରଣ ବାର୍ତ୍ତା ନେଇ ସଚେତନତା ସୃଟି କରାଯାଉଛି। ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଖରିଆ ଗାଦିବ୍ରହ୍ମ ନିକଟରେ ଅବସରପ୍ରାପ୍ତ ଚକ୍ଷୁ ଚିକିତ୍ସା ସହାୟକ ତଥା ନିଖିଳ ଓଡିଶା କୈବର୍ତ୍ତ ମହାସଭା ଜିଲା ସଭାପତି ଜୟନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ପ୍ରଧାନମନ୍ତ୍ରୀ 'ବିକଶିତ ଭାରତ ସଂକଳ୍ପ କାର୍ଯ୍ୟକ୍ରମ'ରେ ଭାଗ ନେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ସମ୍ପର୍କରେ ଉପସ୍ଥିତ ଅସ୍ତରଙ୍ଗ ବ୍ଲକର ୧୫ଟି ପଞ୍ଚାୟତବାସୀଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା ଓ ସମୀକ୍ଷା କରିଥିଲେ।

### ଭତ୍ତା ବାଣ୍ଟିଲେ ବିଧାୟକ

ନିମାପଡ଼ା,୨୩।୨(ରଞ୍ଜନ ପଟ୍ଟନାୟକ):

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାବାସୀଙ୍କୁ ନିଜ ପରିବାର ବୋଲି ଭାବୁଛନ୍ତି। ତେଣୁ ସେ ସବୁବର୍ଗର ଲୋକଙ୍କ କଲ୍ୟାଣ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି, ବୋଲି ଶୁକ୍ରବାର ସ୍ଥାନୀୟ ଟାଉନ ହଲରେ ଆୟୋଜିତ ମଧୁବାବୁ ପେନସନ ଯୋଜନା ବଣ୍ଟନ ମେଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ସମୀର ରଞ୍ଜନ ଦାଶ ଏହା କହିଛନ୍ତି। ଏଥିସହ ସେ ଏହି ଯୋଜନା ମାଧ୍ୟମରେ ନିମାପଡ଼ା ବ୍ଲକ ଅଧୀନ ୧୬ଟି ପଞ୍ଚାୟତର ୧୦୮୬ ଜଣ ନୂତନ ଆବେଦନକାରୀ ବାର୍ଦ୍ଧକ୍ୟ, ଦିବ୍ୟାଙ୍ଗ ଏବଂ ବିଧବାଙ୍କୁ ଏକହଜାର ଟଙ୍କା ଲେଖାଏ ଭତ୍ତା ବଣ୍ଟନ କରିଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନୁସୟା ମହାନ୍ତି, ବିଡିଓ ଭୁବନାନନ୍ଦ ପଟନାୟକ, ଜିଲାପରିଷଦ ପ୍ରଦୀପ୍ତ ଖଟୋଇ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅଜୟ ସ୍ୱାଇଁ ଏବଂ ବ୍ଲକ ବିଜେଡ଼ି ସଭାପତି ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ତଦନ୍ତ ଆରମ୍ଭ

ଅସ୍ତରଙ୍ଗ,୨୩।୨ (ମମତା ଜେନା/ପ୍ରଦୀପ୍ତ କୁମାର ଦୀକ୍ଷିତ):

**କର୍ମଚାରୀଙ୍କୁ ସହକାରୀ ଉଦ୍ୟାନ କୃଷି ଅଧିକାରୀ ମାଡ଼ ମାରିବା ଘଟଣା**

ଅସ୍ତରଙ୍ଗ ବ୍ଲକ ଉଦ୍ୟାନ ବିଭାଗ କାର୍ଯ୍ୟାଳୟରେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜଣେ ଅଧସ୍ତନ କର୍ମଚାରୀଙ୍କୁ ମାଡ଼ମାରି ବାହାର କରିଦେବା ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଶୁକ୍ରବାର ପୁରୀ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଷ୍ଣୁଚରଣ ପତି, ନିମାପଡ଼ା ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ, ଅସ୍ତରଙ୍ଗ ଥାନାଧିକାରୀ ରାଜେଶ ବଳିୟାରସିଂ ଉକ୍ତ କାର୍ଯ୍ୟାଳୟରେ ପହଞ୍ଚି ଉଭୟ ଅଭିଯୋଗକାରୀଙ୍କଠାରୁ ଘଟଣା ସମ୍ପର୍କରେ ବୁଝିବା ସହ ଅନ୍ୟ କର୍ମଚାରୀଙ୍କୁ ପଚରାଉଚରା କରିଥିଲେ। ସେହିପରି ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଅଜୟ କୁମାର ପ୍ରଧାନ ମଧ୍ୟ ଏ ନେଇ ତଦନ୍ତ କରିଛନ୍ତି। ଏହି ଘଟଣା ନେଇ ସମ୍ପୃକ୍ତ ଅଧିକାରୀ ଅଡୁଆରେ ପଡ଼ିଛନ୍ତି। ସୂଚନାଯୋଗ୍ୟ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଯୁଗଳ କିଶୋର ବାର୍ଲା ଡାଟା ଏଣ୍ଟ୍ରି ଅପରେଟର ସୁଧାଂଶୁ ଶେଖର ଭୋଳଙ୍କୁ ଏନ୍ଆରଜିସି ମଷ୍ଟରରୋଲ ତିଆରି ଲାଗି ଦାୟିତ୍ୱ ଦେଇଥିବାବେଳେ ଜିଓ ଟ୍ୟାଗ୍ ପାଇଁ ଅନ୍ୟ ଜଣେ କର୍ମଚାରୀଙ୍କୁ ଦାୟିତ୍ୱ ଦେବାରୁ ଉଭୟଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ସହକାରୀ ଉଦ୍ୟାନ କୃଷି ଅଧିକାରୀ ଭୋଳ ଉତ୍କ୍ଷିପ୍ତ ହୋଇ ସୁଧାଂଶୁଙ୍କୁ ମାଡ଼ ମାରି କାର୍ଯ୍ୟାଳୟରୁ ବାହାର କରିଦେଇଥିଲେ। ଏହି ଘଟଣାକୁ ନେଇ ଉଭୟଙ୍କ ପକ୍ଷରୁ ଅସ୍ତରଙ୍ଗ ଥାନାରେ ଅଭିଯୋଗକ୍ରମେ ଦୁଇଟି ପୃଥକ ମାମଲା ରୁଜୁ ହୋଇଥିଲା।

## କଟୁରି ଚୋଟରେ ୨ ଗୁରୁତର, ଥାନାରେ ୨ ଅଟକ

ଗୋପ,୨୩।୨(ଭାରତୀ ଭୂଷଣ ଉପାଧ୍ୟାୟ):

**୨ ପରିବାର ମଧ୍ୟରେ ଗଣ୍ଡଗୋଳ**

ଗୋପ ଥାନା ଅନ୍ତର୍ଗତ ଗିରିମା ଗ୍ରାମରେ ଶୁକ୍ରବାର ଏକ ଛୋଟ ଘଟଣାକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିବା ସହିତ ମାରଣାସ୍ତ୍ରରେ ପରସ୍ପରକୁ ଆକ୍ରମଣ କରାଯାଇଛି। ଆକ୍ରମଣରେ ଉଭୟ ପକ୍ଷର ସୁକାନ୍ତି ମହାପାତ୍ର ଏବଂ ଅଭୟ ଜେନା ଗୁରୁତର ହୋଇ ଭୁବନେଶ୍ୱର ସ୍ଥାନାନ୍ତର ହୋଇଛନ୍ତି। ଗୋପ ପୋଲିସ ଉଭୟ ପକ୍ଷର ୨ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି।

ପ୍ରକାଶ ଯେ, ମଧ୍ୟାହ୍ନରେ କାହ୍ନା ମହାପାତ୍ର ନାମକ ଯୁବକ ଧାନ ଜମି କଡ଼ରେ ଶୌଚ କରୁଥିଲେ। ଏହି ସମୟରେ ଅଭୟ ଏହାକୁ ବିରୋଧ କରିଥିଲେ। ଏହାକୁ ନେଇ ପାଟିତୁଣ୍ଡ ହେବାରୁ କାହ୍ନା ଏକ କଟୁରୀରେ ତାଙ୍କୁ ଆକ୍ରମଣ କରିଥିଲେ। ପରେ ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ହେବା ସହ କାହ୍ନା ପରିବାର ସଦସ୍ୟମାନେ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଅଭୟ ଗୁରୁତର ହୋଇ ପଡିବାରୁ ତାଙ୍କୁ ଗୋପ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇ ଥିଲା। ଏହି ଘଟଣା ନେଇ ଉଭୟ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି।

## ତଣ୍ଡାହାର-ସିଂହାରପାଳ ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର



ଅସ୍ତରଙ୍ଗ,୨୩।୨(ପ୍ରଦୀପ୍ତ କୁମାର ଦୀକ୍ଷିତ):

ଅସ୍ତରଙ୍ଗ ବ୍ଲକ ଶିଶୁଅ ପଞ୍ଚାୟତ ଅଧୀନ ତଣ୍ଡାହାରରୁ ସିଂହାରପାଳ ପର୍ଯ୍ୟନ୍ତ ୩ କି.ମି. ରାସ୍ତା ନିର୍ମାଣ ହେବ। ଏଥିପାଇଁ ୩ କୋଟି ୮୦ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି ରାସ୍ତା ନିର୍ମାଣ ପାଇଁ ଶୁକ୍ରବାର କାକଟପୁର ବିଧାୟକ ତଥା ଗୃହ (ରାଷ୍ଟ୍ର), କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ୧ ନମ୍ବର ଜୋନ ଜିଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ଶିଶୁଅ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ପରିଡା, କାକଟପୁର ଗ୍ରାମ୍ୟ ଉନ୍ନୟନ ସହକାରୀ ନିର୍ବାହୀ ଯନ୍ତ୍ରୀ ତ୍ରିଲୋଚନ ପାତ୍ର, ଅସ୍ତରଙ୍ଗ ସେକ୍ସନ ୨ର କନିଷ୍ଠ ଯନ୍ତ୍ରୀ ରଞ୍ଜିତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ରାସ୍ତା ନିର୍ମାଣ ହେଲେ ପଞ୍ଚାୟତବାସୀଙ୍କ ଗମନାଗମନ ସୁଗମ ହେବ। ଏନେଇ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେହିପରି ତଣ୍ଡାହାର ଠାରୁ କେଉଟଜଙ୍ଘା ପ୍ରାଚୀ ନଦୀ ଉପରେ ୧୮କୋଟି ଟଙ୍କା ବ୍ୟୟରେ ୨୭୮ ମିଟର ସେତୁ ନିର୍ମାଣ କରାଯିବ। ଏହି ସେତୁ ଲାଗି ଭିତ୍ତିପ୍ରସ୍ତର ସମୟରେ କାକଟପୁର ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ଋତୁରାଜ ରାଉତ, ଠିକାଦାର ସୁମନ୍ତ କୁମାର ସାହୁ, ଦୁଷ୍ମନ୍ତ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ସାଇବର କ୍ରାଇମ୍ ସଚେତନତା ଆଲୋଚନାଚକ୍ର

କଣାସ,୨୩।୨(ବିଭୂତି ଭୂଷଣ ତ୍ରିପାଠୀ):

କଣାସ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ଏବଂ ହେଲ୍ପ ଏଜ ଇଣ୍ଡିଆ ମିଳିତ ଅନୁକୂଲ୍ୟରେ ଶୁକ୍ରବାର ଦୋକନ୍ଦା ଗ୍ରାମପଞ୍ଚାୟତ ସଭାଗୃହରେ ସୁରେନ୍ଦ୍ର ଶ୍ରୀଚନ୍ଦନଙ୍କ ଅଧ୍ୟକ୍ଷତାରେ ସାଇବରକ୍ରାଇମ୍ ସଚେତନତା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ମହେନ୍ଦ୍ର କୁମାର ରଣସିଂହ ବିଶଦ ବିବରଣୀ ପ୍ରଦାନ କରିବା ସହିତ ରାଜ୍ୟ ବରିଷ୍ଠ ନାଗରିକ ମଞ୍ଚ ସଂପାଦକ ଯୁଗଳକିଶୋର ସାହୁ ଓ ହେଲ୍ପ ଏଜ ଇଣ୍ଡିଆ ଓଡ଼ିଶା ଶାଖା ପ୍ରକଳ୍ପ ସଂଯୋଜିକା ଦେବଶ୍ରୀ ବ୍ରହ୍ମା ସାଇବରକ୍ରାମିର ବିଭିନ୍ନ ଦିଗ ଉପରେ ଆଲୋଚନା କରି ଉପସ୍ଥିତ ବରିଷ୍ଠ ନାଗରିକଙ୍କୁ ସଚେତନତା କରାଇଥିଲେ। ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ କରାଯିବା ସହ ନୂତନ ପରିଚୟ ପତ୍ର ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଆସନ୍ତା ମାର୍ଚ୍ଚ ମାସରେ ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ପରିଷଦର ବୈଠକ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଆଲୋଚନାଚକ୍ରକୁ ଡ. ହେମନ୍ତ କୁମାର ଛୋଟରାୟ ପରିଚାଳନା କରିଥିଲେ।

# ପୋଲାଙ୍ଗରେ ସମାବେଶ କରି ଶକ୍ତି ପ୍ରଦର୍ଶନ କଲେ ପ୍ରସନ୍ନ

ପୁରୀ ୨୩।୨( ଅଜିତ୍ ମହାନ୍ତି)

ଆଉ କିଛି ଦିନ ପରେ ଦେଶରେ ସାଧାରଣ ନିର୍ବାଚନ ସହ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। କେଉଁ ମୁହୂର୍ତ୍ତରେ ନିର୍ବାନ ପାଇଁ ତାରିଖ ଘୋଷଣା ହୋଇପାରେ। ତେବେ ବର୍ତ୍ତମାନଠାରୁ ଆଶାୟୀ ପ୍ରାର୍ଥୀମାନେ ନିଜ ନିଜ ନିର୍ବାଚନ ମଣ୍ଡଳୀରେ ସଙ୍ଗଠନ ଗଢିବା ସହ ଶକ୍ତି ପ୍ରଦର୍ଶନ ଆରମ୍ଭ କଲେଣି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ପୁରୀ ସଦର ନିର୍ବାଚନ ମଣ୍ଡଳୀରେ ଆଇନଜୀବୀ ପ୍ରସନ୍ନ କୁମାର ମିଶ୍ର ସମାବେଶ କରି ତାଙ୍କର ଶକ୍ତି ପ୍ରଦର୍ଶନ କରିଛନ୍ତି। ସକ୍ରିୟ ରାଜନୀତିରେ ଥିବା ମିଶ୍ରଙ୍କୁ ଲୋକେ ନେତୃତ୍ୱ ନେବା ପାଇଁ ଆହ୍ୱାନ ଦେବା ପରେ ଚନ୍ଦନପୁରସ୍ଥିତ ପୋଲାଙ୍ଗ ଚୋଟାରେ ବିଶାଳ ସଭାର ଆୟୋଜନ କରାଯାଇଥିଲା। ଶ୍ରୀକ୍ଷେତ୍ର ସ୍ୱାଭିମାନ ମଞ୍ଚ ପକ୍ଷରୁ ଆୟୋଜିତ ସଭାରେ ସଦରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ସ୍ଥାନୀୟ ଲୋକଙ୍କ ସହ ସମସ୍ୟା ସମ୍ପର୍କରେ ସେ ସିଧାସଳଖ ଆଲୋଚନା କରିଥିଲେ। ଲୋକଙ୍କ ସହ ରହିଛି ଓ ରହିଥିବି ବୋଲି ମିଶ୍ର କହିଛନ୍ତି। ମିଶ୍ର ଉଦବୋଧନ ଦେଇ କହିଥିଲେ, ଲୋକଙ୍କ ଭଲ ପାଇବା ଓ ସମର୍ଥନ ଯୋଗୁଁ ସେ ସମିତି ସଭ୍ୟ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଜନତାଙ୍କ ଆହ୍ୱାନ କ୍ରମେ ସେ ଆଗାମୀ ସାଧାରଣ ନିର୍ବାଚନରେ ଅବତୀର୍ଣ୍ଣ ହେବେ ବୋଲି ଇସାରା ଦେଇଛନ୍ତି। ସେହିପରି ମିଶ୍ର କହିଥିଲେ ଲୋକଙ୍କ ଆହ୍ୱାନ କ୍ରମେ ସେ ସକ୍ରିୟ ରାଜନୀତିରେ ଅଛନ୍ତି। ଆଗକୁ ମଧ୍ୟ ରହିବେ। ନେତୃତ୍ୱ ନେବାକୁ ପଛଘୁଞ୍ଚା ଦେବେନାହିଁ ବୋଲି ସେ କହିଥିଲେ। ଏହି ଅବସରରେ ସାଢ଼େ ୩ହଜାରରୁ ଊର୍ଦ୍ଧ୍ୱ ଜନତାଙ୍କ ସମାଗମ ହୋଇଥିଲା। ମଞ୍ଚରେ ଅନ୍ୟମାନଙ୍କ ମଧ୍ୟରେ ବିନୟ ନୃସିଂହ ମହାପାତ୍ର, ଆଡଭୋକେଟ ସୁକାନ୍ତ କୁମାର ପ୍ରଧାନ, ମହେଶ୍ୱର ଦାଶ, ସମାଜସେବୀ କୃଷ୍ଣଚନ୍ଦ୍ର ମହାନ୍ତି, ଶ୍ରୀଧର ଦାଶ, ଦେବାଶିଷ ପଟ୍ଟନାୟକ, ଲିଟୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ଦାନବାକ୍ସରୁ ଚୋରି**

ଚୌଦ୍ୱାର,(ଆଶୁତୋଷଦାସ):ଚୌଦ୍ୱାରପୌରପାଳିକାଅଧୀନନୂଆସାହିସ୍ଥିତମା'ଶିବାନୀମନ୍ଦିରସମ୍ମୁଖରେଥିବାଦାନବାକ୍ସରୁ ଟଙ୍କା ଚୋରି ହୋଇଥିବା ଜଣାପଡିଛି। ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟାରେ କେହି ଦୁର୍ବୃତ୍ତ ଉକ୍ତ ଦାନବାକ୍ସର ତାଲା ଭାଙ୍ଗି ଦାନ ଅର୍ଥକୁଚୋରିକରିନେଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



## ସଂକ୍ଷେପରେ

### କଟକ ଜିଲା ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସଭାପତି ହେଲେ ସନ୍ତୋଷ

କଟକ,୨୩।୨(ଶିଳ୍ପା ପ୍ରିୟଦର୍ଶିନୀ)

କର୍ପୋରେଟର ତଥା ସିଏମ୍‌ସି ବିରୋଧୀ ଦଳର ନେତା ସନ୍ତୋଷ କୁମାର ଭୋଳଙ୍କୁ କଟକ ଜିଲା ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସଭାପତି ଭାବେ ମନୋନୀତ କରାଯାଇଛି। କଟକ ଜିଲା ଚାଷୀ ମୂଲ୍ୟ ସଂଘର ସୁପାରିସକ୍ରମେ ସନ୍ତୋଷଙ୍କୁ ମନୋନୀତ



କରାଯାଇଛି। ସେ କଟକ ଜିଲା ଯୁବ ରାଷ୍ଟ୍ରୀୟ ମଜଦୁର କଂଗ୍ରେସରେ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ କାମ କରିଛନ୍ତି। ଏଥିସହ ସେ ଦୁଇ ଥର ସିଏମ୍‌ସିରେ କର୍ପୋରେଟର ଭାବେ ନିର୍ବାଚିତ ହୋଇଛନ୍ତି। ୨୦୦୪ରେ କଟକ ସଦର ଛାତ୍ର କଂଗ୍ରେସ ସଭାପତି, ୨୦୧୧ରେ କଟକ ଲୋକ ସଭାର ଯୁବ କଂଗ୍ରେସ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। କଟକ ନଗର କଂଗ୍ରେସର ଉପ ସଭାପତି ସହ ପିସିସି ସଭ୍ୟ ଭାବେ କାର୍ଯ୍ୟ କରି ଆସିଛନ୍ତି। ଶୁକ୍ରବାର ଏହି ଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ସନ୍ତୋଷ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ରାଜ୍ୟ ସଭାପତି ରାମଚନ୍ଦ୍ର ଖୁଣ୍ଟିଆ, ପିସିସି ସଭାପତି ଶରତ ପଟ୍ଟନାୟକ, ବିଧାୟକ ମହମ୍ମଦ ମୋକିମ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ରାଷ୍ଟ୍ରୀୟ ସଙ୍ଗଠନ ସମ୍ପାଦକ ସତ୍ୟବ୍ରତ ନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ପୋଖରୀରୁ ମହିଳାଙ୍କ ମୃତଦେହ ଜବତ

ଫୁଲନଖରା,୨୩।୨(ସତ୍ୟରଞ୍ଜନ ଦାସମହାପାତ୍ର)

ପାହାଲ ଥାନା ଅଞ୍ଚଳର ଏକ ପୋଖରୀରୁ ଜଣେ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଏହି ଥାନା ଅଧୀନ ଜୟର ଶାଶନ ଗ୍ରାମର ଭାଗ୍ୟଶ୍ରୀ ସାହୁ। ବ୍ୟବଚ୍ଛେଦ ପାଇଁ ମୃତଦେହକୁ ପୋଲିସ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଭାଗ୍ୟଶ୍ରୀଙ୍କ ଦେଢ଼ଶୁର ଧୀରେନ୍ଦ୍ର ସାହୁ ଅଭିଯୋଗ କରିବା ପରେ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୬/୨୪) ରୁଜୁ ହୋଇଛି। ପୂର୍ବରୁ ଭାଗ୍ୟଶ୍ରୀଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ଭାଗ୍ୟଶ୍ରୀ ଅଧିକାଂଶ ସମୟ ମାନସିକ ଅବସାଦରେ ରହୁଥିବା ଧୀରେନ୍ଦ୍ର କହିଛନ୍ତି। ଅପରପକ୍ଷରେ ପାହାଲ ଥାନା ଆଇଆଇସି ବିଯୁଟି ମହାନ୍ତି କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ।

### ଜବରଦଖଲ ଉଚ୍ଛେଦ

ନିଆଳି, ୨୩।୨(ସୁକାନ୍ତ କୁମାର ସିଂହ)

ନିଆଳି ବ୍ଲକ ସମ୍ମୁଖ ପୋଖରୀ ବନ୍ଧ ଓ ଶ୍ମଶାନ ଜମିରୁ ଶୁକ୍ରବାର ଜବର ଦଖଲ ଉଚ୍ଛେଦ କରାଯାଇଛି। ଉକ୍ତ ସ୍ଥାନକୁ କେତେଜଣ ଲୋକ ଜବରଦଖଲ କରିବା ସହ ଘର କରି ରହିଆସୁଥିଲେ। ନିଆଳି ତହସିଲଦାର ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ନିର୍ଦ୍ଦେଶରେ ଏହି ଉଚ୍ଛେଦ କରାଯାଇଛି। ସେଠାରେ ଥିବା ଦୁଇଟି ପରିବାରକୁ ଉଚ୍ଛେଦ କରାଯାଇଥିବାବେଳେ ଅନ୍ୟ ଏକ ପରିବାର ୧ ମାସ ସମୟ ନେଇଛନ୍ତି। ଏହି ଉଚ୍ଛେଦ ସମୟରେ ନିଆଳି ଥାନାଧିକାରୀ ତପନ କୁମାର ରାଉତଙ୍କ ସହ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

# ତୁରନ୍ତ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

କଟକ,୨୩।୨ (କାର୍ତ୍ତିକ ସାହୁ)

**ବକ୍ସଡ୍ରେନ୍ କାର୍ଯ୍ୟ ତଦାରଖକଲେ ଅତିରିକ୍ତ ମୁଖ୍ୟ ଶାସନ ସଚିବ**

କଟକ ସହରରେ ବକ୍ସଡ୍ରେନ୍ କାର୍ଯ୍ୟ ଜାରି ରହିଛି। ଖୁବ୍‌ଶୀଘ୍ର ଏହି କାର୍ଯ୍ୟ ସାରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଜି. ମାଥିଭାଥାନନ୍ ନିର୍ଦ୍ଦେଶ ଦେଇଛନ୍ତି। ସଚିବ ମାଥିଭାଥାନନ୍ ଶୁକ୍ରବାର ପୂର୍ବାହ୍ନରେ ବକ୍ସଡ୍ରେନ ନିର୍ମାଣ କାର୍ଯ୍ୟ ତଦାରଖ କରିଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱ ସୌନ୍ଦର୍ଯ୍ୟକରଣ କରାଯିବ। ତୁରନ୍ତ ଏହି ରାସ୍ତା ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସମର୍ପିତ ହେବ ବୋଲି ସେ କହିଛନ୍ତି।

ସଚିବ ପ୍ରଥମେ ବଜ୍ରକବାଟି ରୋଡ୍‌ଠାରେ ପହଞ୍ଚି ପ୍ରଫେସରପଡ଼ା ଅଞ୍ଚଳରେ ଚାଲିଥିବା କାର୍ଯ୍ୟକୁ ତଦାରଖ କରିଥିଲେ। ସେଠାରେ ଉପସ୍ଥିତ ଯନ୍ତ୍ରୀ ଓ ଅଧିକାରୀମାନଙ୍କ ସହିତ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରି ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବକ୍ସଡ୍ରେନ୍ ରାସ୍ତାର ଉଭୟ ପାର୍ଶ୍ୱରେ ପାଦଚଲା ରାସ୍ତା, ସାଇକେଲ ଚାଳନା ପଥ, ବୃକ୍ଷରୋପଣ, ଗାଡ଼ି ରହଣିସ୍ଥଳ ଓ ମେଡିଆନ୍ସ ସୁବିଧା ମଧ୍ୟ ରହିବ। ଏହି କାର୍ଯ୍ୟକୁ ସିଏମ୍‌ସି ପକ୍ଷରୁ କରାଯିବ। କାର୍ଯ୍ୟ ଚାଲିବା ସମୟରେ ଯେପରି କୌଣସି ଟ୍ରାଫିକ ସମସ୍ୟା ନ ହେବ ଏବଂ ଜନସାଧାରଣ ହଇରାଣ ନ ହେବେ ସେଥିପ୍ରତି ଯଥେଷ୍ଟ ଧ୍ୟାନ ଦେବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ୨.୮ କିଲୋମିଟର ବ୍ୟାପୀ ଏହି ବକ୍ସଡ୍ରେନ୍ ଉପରେ ମେରିଆବଜାର, ବକ୍ସିବଜାର, ବଜ୍ରକବାଟିରେ ଥିବା କଲ୍‌ଭର୍ଟର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ସଚିବ ଦେଖିଥିଲେ। ଏହି ପରିଦର୍ଶନ ସମୟରେ ସିଡିଏ ଉପାଧ୍ୟକ୍ଷ ତଥା ସିଏମ୍‌ସି କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ୱାଟ୍‌କୋ ସିଇଓ ପ୍ରଦୀପ୍ତ କୁମାର ସ୍ୱାଇଁ, ଜାଇକା ଯନ୍ତ୍ରୀ, ସିଏମ୍‌ସି ସିଟି ଇଞ୍ଜିନିୟର ଅତନୁ ସାମନ୍ତ ଏବଂ ନିର୍ମାଣ ଦାୟିତ୍ୱରେ ଥିବା ସଂସ୍ଥାର ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ।



ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ବକ୍ସଡ୍ରେନ୍ କାର୍ଯ୍ୟ ତଦାରଖ କରୁଛନ୍ତି।

# ମନ ମୋହିଲା ଘୁମୁରା ନୃତ୍ୟ




ମହୋତ୍ସବରେ କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ନିଆଳି, ୨୩।୨(ସୁକାନ୍ତ କୁମାର ସିଂହ)

**ନିଆଳି ମହୋତ୍ସବର ତୃତୀୟ ସନ୍ଧ୍ୟା**

ନିଆଳିସ୍ଥିତ ମାଘସପ୍ତମୀ ପଡିଆରେ ଚାଲିଥିବା ନିଆଳି ମହୋତ୍ସବର ଶୁକ୍ରବାର ଥିଲା ତୃତୀୟ ସନ୍ଧ୍ୟା। ବିଧାୟକ ତଥା ମହୋତ୍ସବ କମିଟି ସଭାପତି ପ୍ରମୋଦ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଯୋଗଦେଇ କହିଛନ୍ତି, ମହୋତ୍ସବ ଦ୍ୱାରା ଗ୍ରାମାଞ୍ଚଳ ଓ ସହରରେ ଭାଇଚାରା ସୃଷ୍ଟି ହୋଇଥାଏ। ଏଥିରେ ସମ୍ମାନିତ ଅତିଥି ଭାବେ ନିଆଳି ବିଡିଓ ଉଲ୍ଲାସ ଚନ୍ଦ୍ର ସେଠୀ, ଜିଲା ପରିଷଦ ସଭ୍ୟ କ୍ରିଷ୍ଣାରାଣୀ ବେହେରା, ଅନ୍ୟତମ ଅତିଥି ଭାବେ ସାହିତ୍ୟିକ ତ୍ରିନାଥ ପଟ୍ଟନାୟକ ଯୋଗଦେଇଥିଲେ। ପ୍ରାରମ୍ଭରେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଘୁମୁରା ନୃତ୍ୟ ପରିବେଷିତ ହୋଇଥିଲା। ଏହି ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ସେହିପରି ମା' କୁତାମଚଣ୍ଡୀ କଳା ସଂସଦ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିସହ ହାସ୍ୟ ଅଭିନେତା ରାଜୁ ଦାସ କମେଡି ମାଧ୍ୟମରେ ଦର୍ଶକଙ୍କୁ ହସାଇଥିଲେ। କଣ୍ଠଶିଳ୍ପୀ ଅସୀମା ପଣ୍ଡା ମନଛୁଆଁ ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କୁ ନଚାଇଥିଲେ।

# 'ଉପକୃତ ହେବେ ଯୁବପିଢ଼ି'




ସିଡିଏ ସେକ୍ଟର -୭ସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ଉପସ୍ଥିତ ଅତିଥିବୃନ୍ଦ।

କଟକ/ ଚୌଦ୍ୱାର,୨୩।୨
(କାର୍ତ୍ତିକ ସାହୁ/ ଆଶୁତୋଷ ଦାସ)

**କଟକ ଜିଲାରେ କ୍ରୀଡ଼ା ଭିତ୍ତିଭୂମି ସମୂହ ଉଦ୍‌ଘାଟିତ**

ରାଜ୍ୟର ବିଭିନ୍ନ ସ୍ଥାନରେ କ୍ରୀଡ଼ା ଭିତ୍ତିଭୂମିସମୂହର ଉଦ୍‌ଘାଟନ ଅବସରରେ ସିଡିଏ ସେକ୍ଟର-୭ଠାରେ ବିଜୁପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ଓ ହକି ପ୍ରଶିକ୍ଷଣ କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନ୍‌ଲାଇନ୍‌ରେ ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ଅନ୍‌ଲାଇନ୍ ଜରିଆରେ କଟକର ଚୌଦ୍ୱାର, ନୂଆବଜାର, ଗୋପାଳପୁରଠାରେ ମଧ୍ୟ ବିଜୁପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ଉଦ୍‌ଘାଟନ କରିଛନ୍ତି। ଏଥିସହ କଟକ ଜିଲାରେ ଏକ ଫୁଟ୍‌ବଲ ଷ୍ଟାଡିୟମ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ ସିଡିଏ ସେକ୍ଟର -୭ସ୍ଥିତ ନବନିର୍ମିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମଠାରେ ଆୟୋଜିତ କାର୍ଯ୍ୟକ୍ରମରେ କଟକ ମହାନଗର ନିଗମ ମେୟର ସୁବାସ ସିଂ, ଓଡ଼ିଶା ରାଜ୍ୟ କ୍ରୀଡ଼ା ସଂଘ ତଥା ଓଡ଼ିଶା ଫୁଟ୍‌ବଲ ସଂଘର ସମ୍ପାଦକ ଆଶୀର୍ବାଦ ବେହେରା, ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ, ଉପନିର୍ଦ୍ଦେଶକ ତଥା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଜିଲା କ୍ରୀଡ଼ା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟ, ଅଧୀକ୍ଷଣ ଯନ୍ତ୍ରୀ (ପୂର୍ତ୍ତ) ପ୍ରଭାସ କୁମାର ମାଝିଙ୍କ ସମେତ ଅନ୍ୟ ଅଧିକାରୀ, ଯନ୍ତ୍ରୀ, ସ୍ଥାନୀୟ କର୍ପୋରେଟର, ବହୁ କ୍ରୀଡ଼ାବିତ୍ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

ଚୌଦ୍ୱାର ପୌରପାଳିକା ୮ନଂ. ୱାର୍ଡସ୍ଥିତ ଓଟିଏମ୍ ହାଇସ୍କୁଲ ନିକଟ ପଡ଼ିଆରେ ନିର୍ମିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ଷ୍ଟାଡିୟମରେ ଜିମ୍, ଟେବୁଲ ଟେନିସ୍, ବ୍ୟାଡ୍‌ମିଣ୍ଟନ, ଯୋଗ ଓ ଭଲିବଲ ଆଦି ଖେଳ ଉପକରଣ ଉପଲବ୍ଧ ରହିଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ କହିଛନ୍ତି, ସ୍ଥାନୀୟ ଅଞ୍ଚଳର ଯୁବପିଢ଼ି ଏହାଦ୍ୱାରା ଉପକୃତ ହୋଇପାରିବେ। ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କାଉନସିଲର ବିଜୟଲକ୍ଷ୍ମୀ ବେହେରା, ସୁବ୍ରତ ସାମଲ, ଅଜୟ ବେହେରା, ବିଜୟ କୁମାର ମଲ୍ଲିକ, ଆଶୁତୋଷ ଦାସ, ପ୍ରେମଚାନ୍ଦ ନାୟକ, ବିଷ୍ଣୁ ଚରଣ ପରିଡ଼ା, ଅର୍ଜୁନ ପଣ୍ଡା, ଏସ୍‌ଡିଓ ନିର୍ମଳ ଚନ୍ଦ୍ର ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଭାଜପାର ଘରକୁ ଚାଲ ଅଭିଯାନ

କଟକ ସଦର, ୨୩।୨(ସୁଶାନ୍ତ କୁମାର ଜେନା)

କଟକ ସଦର ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ଶୁକ୍ରବାର ଘରକୁ ଚାଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ କନ୍ଦରପୁର ପଞ୍ଚାୟତ ଅନ୍ତର୍ଗତ ବମ୍ଫୁରି ଓ ଅଥଙ୍ଗା ଗ୍ରାମରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଦଳୀୟ କର୍ମୀମାନେ ପ୍ରତ୍ୟେକ ଘର ବୁଲି କେନ୍ଦ୍ର ସରକାରଙ୍କ ଜନକଲ୍ୟାଣ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକମାନଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ନିରଞ୍ଜନ ରାଉଳ, ସନ୍ତୋଷ ଭୋଇ, ପୀୟୂଷ ରଞ୍ଜନ ପରିଡ଼ା, ସୁରେଶ ଜେନା, ସଂଘମିତ୍ରା ବେହେରା, ରୀତା ସେଠୀ, ସଞ୍ଜୟ ସେଠୀ, ବଳରାମ ନାୟକ, ଶେଖ୍ ଅଜାମାତ୍, ତ୍ରିଲୋଚନ ଜେନା, ଲକ୍ଷ୍ମୀଧର ଜେନା ପ୍ରମୁଖ ଯୋଗଦେଇଥିଲେ।

## ୨୬ରେ ଲୋକସେବା ଭବନ ଘେରାଉ

କଟକ,୨୩।୨(ଶିଳ୍ପା ପ୍ରିୟଦର୍ଶିନୀ)

ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଆସନ୍ତା ୨୬ ତାରିଖରେ କଂଗ୍ରେସ ପକ୍ଷରୁ ଲୋକସେଭା ଭବନ ଘେରାଉ କରାଯିବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କଟକ ସହରର ବହୁ ସଂଖ୍ୟକ କଂଗ୍ରେସ କର୍ମୀ ଯୋଗଦେବେ। ଏନେଇ କଟକ ନଗର କଂଗ୍ରେସ ସଭାପତି ସୁରେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର କଲେଜଛକ ସ୍ଥିତ ନଗର କଂଗ୍ରେସ କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିସିସି ଅନୁସୂଚିତ ଜାତି ସେଲ୍‌ର ଅଧ୍ୟକ୍ଷ ବାଙ୍କନିଧି ବେହେରା, ନଗର କଂଗ୍ରେସ ଉପସଭାପତି ରାଜେନ୍ଦ୍ର ପଟ୍ଟନାୟକ, ମିଡିଆ ସେଲ୍ ଅଧ୍ୟକ୍ଷ ମାନସ ପରିଡା, ଉପସଭାପତି ମାନସ ନାୟକ, ପିସିସି ସାଧାରଣ ସମ୍ପାଦିକା ମଞ୍ଜୁଶ୍ରୀ କଳ୍ପନା ରାଉତରାୟ, ସଂଖ୍ୟାଲଘୁ ସେଲ୍‌ର ଅଧ୍ୟକ୍ଷ ଶେଖ୍ ଜାଫର, ମହିଳା କଂଗ୍ରେସ ସଭାନେତ୍ରୀ କଳ୍ପନା ସେନ, ଆଦିବାସୀ ସେଲ୍‌ର ଅଧ୍ୟକ୍ଷା ସୁମତି ହେମ୍ବ୍ରମ ପ୍ରମୁଖ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ଜଳସେଚନ ସୁବିଧା, କୃଷିଜାତ ଦ୍ରବ୍ୟର ସଂରକ୍ଷଣ, ଧାନର ଅଭାବୀ ବିକ୍ରି ସମସ୍ୟାର ସମାଧାନ, ଚାଷୀଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ, ବେକାରି ସମସ୍ୟା ଆଦି କ୍ଷେତ୍ରରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ସେହିପରି ବହୁକୋଟି ଟଙ୍କାର ଖଣି ଓ ଚିଟ୍‌ଫଣ୍ଡ ଦୁର୍ନୀତି ପ୍ରସଙ୍ଗକୁ ନେଇ କଂଗ୍ରେସ ପକ୍ଷରୁ ଏହି ଘେରାଉ କରାଯିବ। ବୈଠକରେ ପୂର୍ବତନ କର୍ପୋରେଟର ସ୍ନେହଲତା ଚୌଧୁରୀ, ନାରୀନେତ୍ରୀ ତୃପ୍ତି ଦାସ, ନଗର କଂଗ୍ରେସ ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ। ନଗର କଂଗ୍ରେସ ଉପ ସଭାପତି ବରଦା ଚରଣ ସାହୁ ଧନ୍ୟବାଦ ଦେଇଥିଲେ।

## ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର

ଖୁଣ୍ଟୁଣୀ, ୨୩।୨(ସଚ୍ଚିଦାନନ୍ଦ ପଣ୍ଡା)

ଟାଙ୍ଗୀ-ଚୌଦାର ବ୍ଲକ ଅନ୍ତର୍ଗତ କଖଡ଼ି ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଖଡି ସରପଞ୍ଚ କଳ୍ପନା ଛତାର ଯୋଗଦେଇ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ଓ ସୁଦୂରପ୍ରସାରୀ ନିଷ୍ପତ୍ତି ଯୋଗୁ ଓଡ଼ିଶା ଆଜି ପ୍ରଗତିଶୀଳ ରାଜ୍ୟ ଭାବେ ଉଭା ହୋଇଛି। ଶିଳ୍ପାୟନ, ପୁଞ୍ଜିନିବେଶ, ଯୁବବର୍ଗଙ୍କୁ ନିଯୁକ୍ତି କ୍ଷେତ୍ରରେ ଭାରତରେ ଓଡ଼ିଶା ରୋଲ ମଡେଲ ପାଲଟିଛି ବୋଲି ସେ କହିଛନ୍ତି। ମୁଖ୍ୟବକ୍ତା ଅଧ୍ୟାପକ ଡ. ମନୋରଞ୍ଜନ ମହାନ୍ତି ଉଦ୍‌ବୋଧନ ଦେଇଥିଲେ। ସମିତି ସଭ୍ୟ ପ୍ରଦୀପ କୁମାର ମହାନ୍ତି, ତିଗିରିଆ ବ୍ଲକ ବିଜୁ ଛାତ୍ର ଜନତା ଦଳର ସଭାପତି ହିମାଂଶୁ ଶେଖର ସ୍ୱାଇଁ, ଶିକ୍ଷାବିତ୍ ପଦ୍ମନାଭ ଶତପଥୀ, ସୁରେନ୍ଦ୍ର ନାଥ ପେଣ୍ଟୋଇ, ଜିଲା ସମ୍ପାଦକ ନରେନ୍ଦ୍ର କୁମାର ସାହୁ, କଖଡି ଗ୍ରାମ୍ୟ କମିଟି ସଭାପତି ଦିଲୀପ କୁମାର ଛତାରଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## 'ସମାଜସେବା ପ୍ରତି ଛାତ୍ରୀ ଆଗ୍ରହୀ ହୁଅନ୍ତୁ'



ଶିବିରର ଉଦ୍‌ଯାପନୀ ଦିବସରେ ଅତିଥି ଓ ଛାତ୍ରୀମାନେ।

କଟକ,୨୩।୨ (କାର୍ତ୍ତିକ ସାହୁ)

କଟକ ନୟାସଡ଼କସ୍ଥିତ ଇମର୍ତ୍ତୀ ଦେବୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଦ୍ୱାରା ଆୟୋଜିତ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷା ଡ. ସାଗରିକା ମହାନ୍ତି ଅଧ୍ୟକ୍ଷତା କରି ସ୍ୱେଚ୍ଛାସେବୀଙ୍କୁ ସେବା ଯୋଜନାର ମହତ୍ତ୍ୱ ବିଷୟରେ କହିଥିଲେ। ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ଡା. ରବି ରଞ୍ଜନ ସାହୁ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଡ. ସୁଶାନ୍ତ କୁମାର ପଟ୍ଟନାୟକ ଯୋଗଦେଇ ଛାତ୍ରୀମାନେ ସମାଜସେବା ପ୍ରତି ଆଗ୍ରହୀ ହୁଅନ୍ତୁ ବୋଲି କହିଥିଲେ। ପ୍ରୋଗ୍ରାମ ଅଫିସର ଡ. ଛନ୍ଦା ପଲାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ୱେଚ୍ଛାସେବୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସହକାରୀ ପ୍ରୋଗ୍ରାମ ଅଫିସର ଡ. ପ୍ରଜ୍ଞାଶ୍ରୀ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

## ଜଳସେଚନ ବିଭାଗ ଜମିରୁ ମାଟି ଉଠାଣକୁ ବିରୋଧ

କଟକ ସଦର, ୨୩।୨(ସୁଶାନ୍ତ କୁମାର ଜେନା)

ମହାନଦୀ ଜଳସେଚନ ଡିଭିଜନ ଅନ୍ତର୍ଗତ ତାଳଦଣ୍ଡା କେନାଲ ବନ୍ଧର ସୁଦୃଢ଼ୀକରଣ ପାଇଁ କୋଟୁଆଁ ମୌଜା ନିକଟରେ କାମ ଜୋର୍‌ସୋର୍‌ରେ ଚାଲିଛି। ଠିକାଦାର ଜଣଙ୍କ ଜଳସେଚନ ବିଭାଗ ଜମିରୁ ମେଶିନ ଦ୍ୱାରା ମାଟି ଉଠାଇ ବନ୍ଧରେ ପକାଇବାବେଳେ ଶୁକ୍ରବାର କେତେଜଣ ଲୋକ ଏହାକୁ ବିରୋଧ କରିଥିଲେ। ଏହି ଜମିକୁ କିଶନନଗର ତହସିଲଦାର ମଧୁସୂଦନ ନାୟକ ସ୍ଥାନୀୟ କେତେଜଣ ଲୋକଙ୍କୁ ଲିଜ୍ ସୂତ୍ରରେ ଦେଇଥିବାରୁ ମାଟି ଉଠାଇବା ପାଇଁ ଲୋକମାନେ ବିରୋଧ କରିଥିଲେ। ଖବରପାଇ କିଶନନଗର ଉପଖଣ୍ଡ ସହକାରୀ ନିର୍ବାହୀଯନ୍ତ୍ରୀ ନବକିଶୋର ମହାପାତ୍ର ଏ ନେଇ ତହସିଲଦାର ନାୟକଙ୍କ ସହ ଯୋଗାଯୋଗ କରିଥିଲେ। ତହସିଲଦାର କାହାରିକୁ ଲିଜ୍ ଦେଇ ନ ଥିବା ଜଣାଇବା ପରେ ଯନ୍ତ୍ରୀ ମହାପାତ୍ର ଥାନାରେ ଏତଲା ଦେବା ପାଇଁ ସମ୍ପୃକ୍ତ ଠିକାଦାରଙ୍କୁ କହିଥିଲେ। ଏପରି କି ଉକ୍ତ କାମ ପାଇଁ ବିରୋଧ କରୁଥିବା ଲୋକଙ୍କର ଫଟୋ ଉଠାଇ ଥାନାରେ ଦେବା କହିଛନ୍ତି। କିଶନନଗର ତହସିଲ୍‌ର ମୌଜା କୋଟୁଆଁ, ଖାତା ନଂ.୨୨୧, ପ୍ଲଟ୍ ନଂ.୬୩୪ ମୋଟ ଏରିଆ ୭ ଏକର ୬୩ ଡିସିମିଲ ଜଳସେଚନ ବିଭାଗର ନିଜସ୍ୱ ଜମି। ତେଣୁ ବନ୍ଧ କାମ ପାଇଁ ମାଟି ଉଠାଇବା ନିମନ୍ତେ ବିଭାଗୀୟ ଠିକାଦାର ସ୍ୱତନ୍ତ୍ର ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏହାଛଡା ସମ୍ପୃକ୍ତ ଠିକାଦାର ରୟାଲ୍‌ଟି ବାବଦକୁ କିଶନନଗର ତହସିଲରେ ଗତ ୧୬ ତାରିଖରେ ୫୦ ହଜାର ଟଙ୍କା ଦାଖଲ କରିଛନ୍ତି। ଅନ୍ୟପକ୍ଷରେ ଜଳସେଚନ ବିଭାଗ ଜମି ଉପରେ ଆମର କୌଣସି କର୍ତ୍ତୃତ୍ୱ ନାହିଁ ବୋଲି ତହସିଲଦାର ସ୍ପଷ୍ଟ କରିଛନ୍ତି।

# ରାତି ସାଢ଼େ ୧ଟାରେ ଉଠିବ ମହାଦୀପ

ଖୁଣ୍ଟୁଣୀ,୨୩।୨(ସଚ୍ଚିଦାନନ୍ଦ ପଣ୍ଡା)



ବୈଠକରେ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ସହ ଅନ୍ୟମାନେ।

**ଧବଳେଶ୍ୱରଙ୍କ ପୀଠରେ ଜାଗରଯାତ୍ରା ପ୍ରସ୍ତୁତି ବୈଠକ**

କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱର ପୀଠରେ ଆସନ୍ତା ମାର୍ଚ୍ଚ ୮ ତାରିଖରେ ଜାଗରଯାତ୍ରା ଅନୁଷ୍ଠିତ ହେବ। ଏହାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ଆଠଗଡ଼ ଦେବୋତ୍ତର ପ୍ରଶାସନ ପକ୍ଷରୁ ଶୁକ୍ରବାର ମଧ୍ୟାହ୍ନରେ ଧବଳେଶ୍ୱର ପୀଠରେ ଥିବା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂଜକ ସମାଜ ସମ୍ପାଦକ ନରେନ୍ଦ୍ର କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ଉକ୍ତ ଦିନ ରାତି ୧ଟାରେ ଧବଳେଶ୍ୱରଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ଓ ମାତା ପାର୍ବତୀଙ୍କୁ ସୁସଜ୍ଜିତ ବିମାନରେ ବେଢ଼ା ପରିକ୍ରମା କରାଯିବ। ପରେ ସାଢେ ୧ଟାରେ ମନ୍ଦିର ଉପରକୁ ମହାଦୀପ ଉଠିବ ବୋଲି ପୁଜକ ସମାଜ ପକ୍ଷରୁ ଅଜୟ କୁମାର ପତ୍ରୀ କହିଛନ୍ତି। ଜନ ସମାଗମକୁ ଦୃଷ୍ଟିରେ ରଖି ବ୍ୟାପକ ବ୍ୟବସ୍ଥା କରାଯାଇଛି। ଭକ୍ତଙ୍କ ପାଇଁ ନଦୀର ଉଭୟ ପାର୍ଶ୍ୱ ମଞ୍ଚେଶ୍ୱର ଓ ପୀଠ ପାର୍ଶ୍ୱରେ ୨ଟି ମୋଟର ବୋଟ୍ ରଖାଯିବ। ଏଥିସହ ମନ୍ଦିର ବେଢାରେ ବ୍ୟାରିକେଡ୍ ବ୍ୟବସ୍ଥା, ୨୪ ଘଣ୍ଟିଆ ବିଦ୍ୟୁତ୍ ଓ ପାନୀୟ ଜଳ ଯୋଗାଣ, ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ଆଠଗଡ଼ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ବୈଠକ ପରିଚାଳନା କରି ସମସ୍ତ ବିଭାଗର ଅଧିକାରୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିଥିଲେ।

ଜାଗରଯାତ୍ରା ଦିନ ଭୋର ୪ଟାରୁ ମନ୍ଦିରର ଦ୍ୱାର ଖୋଲାଯିବା ପରେ ଠାକୁରଙ୍କ ସ୍ନାନ, ମଙ୍ଗଳ ଆଳତି ସହ ସ୍ୱତନ୍ତ୍ର ବେଶ କରାଯିବ। ଏଥିସହ ସନ୍ଧ୍ୟାରେ ଆଳତି ଓ ବିଭିନ୍ନ ରୀତିନୀତି କରାଯିବ। ଏହି ବୈଠକରେ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଉପଖଣ୍ଡ ଚିକିତ୍ସାଧିକାରୀ ବିଜୟ କୁମାର ମିଶ୍ର, ଗୁରୁଡିଝାଟିଆ ଆଇଆଇସି ପରେଶ କୁମାର ମହାନ୍ତି, ଡା. ଦିଲୀପ ଦାସ, ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା, ମଞ୍ଚେଶ୍ୱର ସରପଞ୍ଚଙ୍କ ପ୍ରତିନିଧି ପ୍ରିୟବ୍ରତ ସାହୁ, ଆରତୀ ଷ୍ଟିଲ୍ କାରଖାନାର ଅଧିକାରୀ ଶରତ କୁମାର ନିଶାଙ୍କ, ଉପଖଣ୍ଡ ସୂଚନା ଅଧିକାରୀ ଅମ୍ଳାନ ଦାସଙ୍କ ସମେତ ସମସ୍ତ ବିଭାର ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଓ ମନ୍ଦିର ପୂଜକମାନେ ଉପସ୍ଥିତ ଥିଲେ।

# ବାରବାଟୀ ଷ୍ଟାଡିୟମ ଭଙ୍ଗା ନ ଯାଇ ସମ୍ପ୍ରସାରଣ କରାଯାଉ: ମୋକିମ

କଟକ,୨୩।୨(ଶିଳ୍ପା ପ୍ରିୟଦର୍ଶିନୀ)

ଐତିହାସିକ କଟକ ବାରବାଟୀ ଷ୍ଟାଡିୟମର ନବକଳେବର ହେବ। ଆସନ୍ତା ୫୦ ବର୍ଷର ମଜଭୁତ କ୍ରିକେଟ୍ ଭବିଷ୍ୟତକୁ ଦୃଷ୍ଟିରେ ରଖି ବିସିସିଆଇ, ଓସିଏ ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଏହି ମେଗା ପ୍ରୋଜେକ୍ଟ କାର୍ଯ୍ୟ ଆରମ୍ଭ ହେବ। ହେଲେ ବାରବାଟୀ ଷ୍ଟାଡିୟମ ଭଙ୍ଗାଯିବାକୁ ବିଧାୟକ ମହମ୍ମଦ ମୋକିମ ବିରୋଧ କରିଛନ୍ତି। ଏନେଇ କଟକ ସେଲ୍‌ଟର ଛକସ୍ଥିତ କାର୍ଯ୍ୟାଳୟରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମୋକିମ କହିଛନ୍ତି, ବାରବାଟୀ ଷ୍ଟାଡିୟମ କଟକର ଐତିହ୍ୟ ସହିତ ଜଡ଼ିତ। ଏହାକୁ ଭଙ୍ଗା ନ ଯାଇ କଟକରେ ଆଉ ଏକ ଷ୍ଟାଡିୟମ ନିର୍ମାଣ କରି କ୍ରିକେଟ୍‌ର ବିକାଶ କରାଯାଉ। ବାରବାଟୀ ଷ୍ଟାଡିୟମ ହେଉଛି ଓଡ଼ିଶା ଅଲିମ୍ପିକ ଆସୋସିଏଶନର। ଏଥିରେ ସମସ୍ତ ପ୍ରକାର କ୍ରୀଡା ଅନୁଷ୍ଠିତ ହେଉଛି। ଏବେ ଏହାକୁ କେବଳ କ୍ରିକେଟ୍ ଉଦ୍ଦେଶ୍ୟରେ ଭାଙ୍ଗିବା ଅଧିକାର କିଏ ଓ କାହାକୁ ଦେଇଛି ତାହା ଓଡ଼ିଶାବାସୀଙ୍କ ପାଖରେ ସ୍ପଷ୍ଟ ହେବା ଆବଶ୍ୟକ। ରାଜ୍ୟ ସରକାର କ୍ରିକେଟ୍ ଖେଳକୁ ନେଇ ଯେଉଁ ନୂଆ ପରିକଳ୍ପନାର କଥା କହୁଛନ୍ତି, ତାହାକୁ କଟକବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଉଛି। ଦୁଃଖର ବିଷୟ ଇଣ୍ଡିଆ ଟିମ୍‌ରେ ଓଡ଼ିଶାରୁ ଦେବାଶିଷ ମହାନ୍ତି ଶେଷ ଖେଳାଳି ରହିଛନ୍ତି। ଗତ ପ୍ରାୟ ଦେଢ ଦଶନ୍ଧି ମଧ୍ୟରେ ଓଡ଼ିଶାରୁ ଆଉ କୌଣସି ଯୁବ ଖେଳାଳି ଇଣ୍ଡିଆ ଟିମ୍‌ରେ ଖେଳିବାର ସୁଯୋଗ ପାଇନାହାନ୍ତି। ଏପରି କି ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ମଧ୍ୟ ଦୀର୍ଘବର୍ଷ ହେଲାଣି କୌଣସି ଓଡ଼ିଆ ଖେଳାଳିଙ୍କୁ ସୁଯୋଗ ମିଳିପାରିନାହିଁ। ଏହାସହ ଚଳିତବର୍ଷ ରଣଜୀ ଟ୍ରଫିରେ ଓଡ଼ିଶା ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରିଛି। ୭ଟି ମ୍ୟାଚ୍‌ରୁ ଓଡ଼ିଶା ଗୋଟିଏ ଜିତିଛି। କ୍ରୀଡ଼ା ପ୍ରଦର୍ଶନରେ ଫେଲ୍ ମାରିବା ପରେ ନୂଆ ଷ୍ଟାଡିୟମ ଗଢିବା କେତେଦୂର ଠିକ୍ ତାହା ଜନସାଧାରଣ ବିଚାର କରିବେ। ବାରବାଟୀ ଷ୍ଟାଡିୟମକୁ ଭଙ୍ଗା ନ ଯାଇ ସମ୍ପ୍ରସାରଣ କରାଯାଉ ବୋଲି ଦାବି କରୁଛି। କାରଣ ଏହା କଟକିଆଙ୍କ ଭାବାବେଗ ସହ ଜଡିତ ରହିଛି। ସେଠାରେ ବାହାଘର, ବତ୍ରଘର ଭଳି ସମସ୍ତ କାର୍ଯ୍ୟ ବନ୍ଦ କରାଯାଇ ଷ୍ଟାଡିୟମକୁ ସମ୍ପୂର୍ଣ୍ଣ ଭାବେ କ୍ରୀଡାରେ ବିନିଯୋଗ କରାଯାଉ। ନିକଟସ୍ଥ ସତ୍ୟବ୍ରତ ଷ୍ଟାଡିୟମର କାର୍ଯ୍ୟ ଚାଲିଥିବା ସମୟରେ ବାରବାଟୀ ଦୁର୍ଗର ଭଗ୍ନାବଶେଷ ବାହାରିଥିବାରୁ ସେ ଅଞ୍ଚଳରେ କୌଣସି କାର୍ଯ୍ୟ କରିବା ପାଇ ଏଏସ୍‌ଆଇ ମଞ୍ଜୁରୀ ରହିନାହିଁ। ଏବେ ବାରବାଟୀ ଷ୍ଟାଡିୟମ ଭଙ୍ଗାଗଲେ ଯଦ ସେଠାରୁ ଦୁର୍ଗର ଭଗ୍ନାବଶେଷ ବାହାରେ ତେବେ ବାରବାଟୀରେ ମଧ୍ୟ ଆଗାମୀ ଦିନରେ କୌଣସି କାର୍ଯ୍ୟ ହୋଇପାରିବ ନାହିଁ। ତେବେ ସରକାର ଏହାର ପୁନର୍ବିଚାର କରି ନିଷ୍ପତ୍ତି ବଦଳାନ୍ତୁ ବୋଲି ମୋକିମ କହିଛନ୍ତି।

ଏହି ଖବରଦାତା ସମ୍ମିଳନୀରେ ଉତ୍କଳ ସାହିତ୍ୟ ସମାଜ ସଭାପତି ଡ. ଗୋବିନ୍ଦଚନ୍ଦ୍ର ଚାନ୍ଦ, ବିଧାୟକଙ୍କ ପ୍ରତିନିଧି କେଦାର ପୃଷ୍ଟି, ନିକୁଞ୍ଜ ପଶାୟତ, କର୍ପୋରେଟର ସନ୍ତୋଷ କୁମାର ଭୋଳ, ଜେ. କାମେଶ୍ୱର ରାଓ, ଲିଜାରାଣୀ ରାଉତ, ସ୍ୱର୍ଣ୍ଣପ୍ରଭା ପଶାୟତ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିର ନାଟମଣ୍ଡପ ମରାମତି ଆରମ୍ଭ



## ମାର୍ଚ୍ଚ ୧୯ ସୁଦ୍ଧା କାମ ସାରିବାକୁ ଲକ୍ଷ୍ୟ

ପୁରୀ, ୨୩।୨(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ଓ ଛତିଶା ନିଯୋଗ ବୈଠକରେ ଅନୁମତି ପରେ ଶୁକ୍ରବାରଠାରୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍ଆଇ) ପକ୍ଷରୁ ଶ୍ରୀମନ୍ଦିର ନାଟମଣ୍ଡପ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଲୁହାଭାରା କଢ଼ାଯାଇ ଷ୍ଟେଜିଙ୍ଗ ବା ମଞ୍ଚା କରାଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ୧୨୦ ଦିନ ମଧ୍ୟରେ କାର୍ଯ୍ୟ ସାରିବାକୁ ଥିବାରୁ ମାର୍ଚ୍ଚ ୧୯ ସୁଦ୍ଧା ନାଟମଣ୍ଡପ ମରାମତି କାର୍ଯ୍ୟ ସାରିବାକୁ ଏଏସ୍ଆଇ ଲକ୍ଷ୍ୟ ରଖିଛି। ଅପରପକ୍ଷରେ କାର୍ଯ୍ୟ ସମୟରେ ଯେପରି ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନରେ କୌଣସି ସମସ୍ୟା ନ ହେବ ଓ ମହାପ୍ରଭୁଙ୍କ ନୀତି ସଅଳ କରାଯିବ ସେ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି।

ଶ୍ରୀମନ୍ଦିର ପ୍ରଶାସନ ଓ ଛତିଶା ନିଯୋଗର ନିଷ୍ପତ୍ତି ଅନୁଯାୟୀ, ଏଏସ୍ଆଇ ପକ୍ଷରୁ ଅପରାହ୍ନ ୧ଟାରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚାଲିଥିଲା। ପୂର୍ବରୁ ନାଟମଣ୍ଡପ ଉପରିଭାଗରେ ୧୦ରୁ ଊର୍ଦ୍ଧ୍ୱ ପକେଟର ମରାମତି କରାଯାଇଥିଲା। ନାଟମଣ୍ଡପ ଓ ଜଗମୋହନ ସଂଯୋଗସ୍ଥଳରେ ଯେଉଁ ପାଣି ଗଳୁଥିଲା, ତାହାକୁ ସଫା କରି ମରାମତି କରାଯାଇଥିଲା। ସେହିପରି ଗରୁଡ଼ ସ୍ତମ୍ଭ ପୂର୍ବପଟେ ନାଟମଣ୍ଡପରେ କ୍ୟାପିଟାଲ ବିମ୍‌ର ଫାଟକୁ ଅନୁଧ୍ୟାନ କରାଯାଇଛି, ସେଥିରେ ଷ୍ଟିଲ ବିମ୍ ସପୋର୍ଟ ପାଇଁ ସ୍ୱତନ୍ତ୍ର ଡିଜାଇନ କରାଯିବ। ସିଂହଦ୍ୱାର ଗୁମୁଟରେ ଯେଭଳି ଷ୍ଟିଲ ବିମ୍ ଲଗାଯାଇଛି, ସେହି ଆଧାରରେ ନାଟମଣ୍ଡପ ବିମ୍ ମରାମତି କରାଯିବ ବୋଲି ଜଣାପଡ଼ିଛି। ଶ୍ରୀମନ୍ଦିର ବୈଷୟିକ କୋର କମିଟି, ଏଏସ୍ଆଇର ବୈଷୟିକ ଯନ୍ତ୍ରୀଙ୍କ ଉପସ୍ଥିତିରେ ଏହି ମରାମତି କାମ କରାଯାଉଛି।

ସୂଚନାଯୋଗ୍ୟ, ନାଟମଣ୍ଡପ ମରାମତି ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାର ବିଚାର କରି କୋର୍ଟ ନାଟମଣ୍ଡପ ମରାମତି କାର୍ଯ୍ୟ ୧୨୦ ଦିନ ଭିତରେ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେଣୁ ନଭେମ୍ବର ୧୬ରୁ ନାଟମଣ୍ଡପର ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ କାର୍ତ୍ତିକ ମାସ ନୀତି ଓ ଦୈନନ୍ଦିନ ଭକ୍ତଙ୍କ ଭିଡ଼ ଯୋଗୁ ମରାମତି କାର୍ଯ୍ୟରେ ବାଧା ଉପୁଜିଥିଲା। ପରେ ମଧ୍ୟ ବିଭିନ୍ନ ନୀତି ଓ ଭକ୍ତଙ୍କ ଭିଡ଼ ରହୁଥିବାରୁ ମରାମତି କାର୍ଯ୍ୟ ଧିମେଇ ଯାଇଥିଲା। ତେଣୁ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, କାର୍ଯ୍ୟ ଠିକ୍ ସମୟରେ ଶେଷ ହେବା ନେଇ ଆଶଙ୍କା ଦେଖାଯାଇଥିଲା। ତେଣୁ କାର୍ଯ୍ୟର ତ୍ୱରିତ ପାଇଁ ଛତିଶା ନିଯୋଗ ବୈଠକ ବସି ନୀତି ସଅଳ ଓ ଦର୍ଶନ ବ୍ୟବସ୍ଥା ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା। ନୀତିକାନ୍ତି ଠିକ୍ ସମୟରେ କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ମାର୍ଚ୍ଚ ୧୯ ପର୍ଯ୍ୟନ୍ତ ରାତ୍ର ୧୧ଟାରେ ରାତ୍ର ପହୁଡ଼ କରାଯାଇ ରାତି ୨ଟାରୁ ଦ୍ୱାରଫିଟା ନୀତି କରି ଅନ୍ୟାନ୍ୟ ନୀତି କରିବା ସହ ଦିନ ୧ଟାରୁ କାର୍ଯ୍ୟ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି କ୍ରମରେ ଗୁରୁବାର ରାତି ୧.୨୫ରେ ପହୁଡ଼ କରାଯାଇ ଶୁକ୍ରବାର ଭୋର ୩.୪୫ରେ ଦ୍ୱାର ଫିଟାଯାଇଥିଲା। ପରେ ଅନ୍ୟାନ୍ୟ ନୀତିକାନ୍ତି ବଢ଼ି ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବାର ପରେ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଏସ୍ଆଇ କଞ୍ଜରଭେଶନ ଆସିଷ୍ଟାଣ୍ଟ ଜ୍ୟୋତିରଞ୍ଜନ ପ୍ରଧାନ କହିଛନ୍ତି, ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ତଥା ଶ୍ରୀମନ୍ଦିର ପ୍ରଶାସନ ସହ ହୋଇଥିବା ବୈଠକର ନିଷ୍ପତ୍ତି ଅନୁସାରେ, ଶୁକ୍ରବାର ଦ୍ୱିତୀୟ ଭୋଗମଣ୍ଡପ ସମ୍ପନ୍ନ ପରେ ମରାମତି ଆରମ୍ଭ ହୋଇଛି। ଦୈନିକ ୭ରୁ ୮ଘଣ୍ଟା କାର୍ଯ୍ୟ କରାଯିବ। ୨୦ରୁ ୨୫ଦିନ ମଧ୍ୟରେ କାର୍ଯ୍ୟ ସରିଯିବ ବୋଲି ଆଶା ରହିଛି। ଗରୁଡ଼ଙ୍କ ନିକଟରେ ଯେଉଁ ବିମ୍ ଥିଲା, ତାହାର କାମ ହେଉଛି। ଏଏସ୍ଆଇର କୋର୍ କମିଟି ସଦସ୍ୟ, ଶ୍ରୀମନ୍ଦିର ଇଞ୍ଜିନିୟରମାନେ ଉପସ୍ଥିତ ଅଛନ୍ତି। ସମସ୍ତଙ୍କ ସହଯୋଗରେ କାର୍ଯ୍ୟ କରାଯାଉଛି। ପୂର୍ବରୁ ଲଗାଯାଇଥିବା ଭାରାକୁ କଢାଯାଇଛି। ଭକ୍ତଙ୍କ ଦର୍ଶନ ନେଇ ଶ୍ରୀମନ୍ଦିର ପ୍ରଶାସନ ଓ ପୋଲିସ ସହ ଆଲୋଚନା ହୋଇଛି। ସେହିପରି ଦଇତାପତି ସେବାୟତ ବିନାୟକ ଦାସ ମହାପାତ୍ର କହିଛନ୍ତି, ନାଟମଣ୍ଡପ ମରାମତି ସମୟରେ ଗରୁଡ଼ ସ୍ତମ୍ଭଠାରୁ ବାହାର କାଠ ପର୍ଯ୍ୟନ୍ତ ଭକ୍ତଙ୍କ ପ୍ରବେଶ ନିଷେଧ ରହିବ। ଭକ୍ତମାନେ ଗାରଦ ଦ୍ୱାର ଦେଇ ଯାଇ ଜୟବିଜୟ ଦ୍ୱାର ଦେଇ ଦର୍ଶନ କରି ପଣ୍ଡାଦ୍ୱାର ଏବଂ ବେହେରଣ ଦ୍ୱାର ଦେଇ ପ୍ରସ୍ଥାନ କରିବେ। ମାର୍ଚ୍ଚ ୧୯ ପର୍ଯ୍ୟନ୍ତ ଏଭଳି ବ୍ୟବସ୍ଥା ରହିବ।

## ଅସୀମ ନାଟକ ଉତ୍ସବ ଆରମ୍ଭ

### 'ନିଲଠା ନିର୍ଦ୍ଦେଶକ'ରେ ନିଜେ ହସି ଅନ୍ୟକୁ ହସାଇବାର ବାର୍ତ୍ତା

**ଭୁବନେଶ୍ୱର, ୨୩।୨(ଶର୍ମିଷ୍ଠା ପାଣିଗ୍ରାହୀ):** ଅସୀମ ବସୁ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ସପ୍ତମ ଅସୀମ ନାଟକ ଉତ୍ସବ ଶୁକ୍ରବାର ଭଞ୍ଜକଳା ମଣ୍ଡପରେ ଆରମ୍ଭ ହୋଇଯାଇଛି। ସନ୍ଧ୍ୟାରେ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ଉତ୍ତରପୁରୁଷ ଅନୁଷ୍ଠାନର ସଭାପତି ଡ଼ ପ୍ରସନ୍ନ କୁମାର ମିଶ୍ର, ପଞ୍ଚମବେଦ ସଭାପତି ହରେନ୍ ସାହୁ, ଫାଉଣ୍ଡେଶନର ମୁଖ୍ୟ ଭାସ୍ୱତି ବସୁ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ନାଟକ 'ନିଲଠା ନିର୍ଦ୍ଦେଶକ' ମଞ୍ଚସ୍ଥ ହୋଇଥିଲା। ହସିବାକୁ ଆମେ ସମସ୍ତେ ଚାହୁଁଛେ, ହେଲେ ହସିବାର ଖୁରାକ ମିଳୁନି । ଏଇ ଆଉ ଟିକିଏ ପରେ ହସ ମିଳିବ ଏଇ ଆଶାରେ ଚାଲିଛେ। ହେଲେ ମୃଗତୃଷ୍ଣା ପରି ହସ ଆମମାନଙ୍କ ଜୀବନରୁ ଦୂରେଇ ଦୂରେଇ ଯାଉଛି । ଆଶ୍ଚର୍ଯ୍ୟର କଥା ହେଉଛି କି ଅନେକ ସମୟରେ ଆମେ ହସନ୍ତି ତ ଅନ୍ୟର ଦୁର୍ଦ୍ଦଶା ଦେଖି । ତେବେ କ'ଣ ବଦଳି ଗଲାଣି ହସର ପରିଭାଷା। ଜଣେ ଅନ୍ୟକୁ ଠକି ଦୂରେଇ ଯିବାକୁ ଚେଷ୍ଟା କରୁଥିବା ବେଳେ ଅନ୍ୟ ଜଣେ ତା'ଠାରୁ ପାଦେ ଆଗକୁ ଯାଇ ପ୍ରତିରୋଧ କରିବାକୁ ଚେଷ୍ଟା କରୁଛି । ଦୁଇ ଜଣଙ୍କ ବିବାଦରେ ତୃତୀୟ ଜଣଙ୍କ ଲାଭ ହେବାର ପରିସ୍ଥିତି ଉପୁଜୁଛି । ଜୀବନ ଜଞ୍ଜାଳ ବିକଟ ପରିସ୍ଥିତିରେ ଆମେ ହସିବାକୁ ଟିକିଏ ସମୟ ପାଉନୁ । ଲାଫିଂ କ୍ଲବ କରି ହସିବାର ଅଭିନୟ କରୁଛେ । ନିଜେ ହସିବା ଓ ଅନ୍ୟକୁ ହସାଇବାର ବାର୍ତ୍ତା ଏହି ନାଟକ ଦେଇଥିଲା। ବିଲ୍ଲୁ, ବିଜୁ, ପିଣ୍ଟୁ, ଝୁମା ଓ ମନୀ ନାଟକରେ ଅଭିନୟ କରିଥିଲେ। ଦିଲୀପ ବଳବନ୍ତ ରାୟ ନାଟ୍ୟ ରଚନା କରିଥିବା ବେଳେ ଲାବଣ୍ୟ ଥିଏଟର ପକ୍ଷରୁ ନାଟ ପ୍ରସ୍ତୁତ କରଯାଇଥିଲା। ସତ୍ୟ ଜେନା ନିର୍ଦ୍ଦେଶନା ଦେଇଥିଲେ। ଦେବଦତ୍ତ ପତି ମଞ୍ଚ ପରିଚାଳନା କରିଥିଲେ।



ଗଜପତି ମହାରାଜା ଦିବ୍ୟସିଂହ ଦେବ ସପରିବାର ଶୁକ୍ରବାର ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ ସାରି ଶ୍ରୀମନ୍ଦିରରୁ ଫେରୁଛନ୍ତି।

## ମହାପ୍ରଭୁଙ୍କୁ ଦର୍ଶନକଲେ ଗଜପତି ମହାରାଜା

ପୁରୀ,୨୩।୨(ଅଜିତ୍ ମହାନ୍ତି)

ମହାପ୍ରଭୁଙ୍କ ଆଦ୍ୟସେବକ ଭାବେ ପରିଚିତ ଗଜପତି ମହାରାଜା ଦିବ୍ୟ ସିଂହଦେବ ଶୁକ୍ରବାର ପରିବାର ସହ ଶ୍ରୀମନ୍ଦିର ଯାଇ ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ କରିଛନ୍ତି। ପରମ୍ପରା ଅନୁଯାୟୀ, ଗଜପତି ମହାରାଜ ଦକ୍ଷିଣ ଦ୍ୱାର ଦେଇ ଶ୍ରୀମନ୍ଦିରକୁ ଯାଇଥିଲେ। ଗଜପତିଙ୍କ ସହ ମହାରାଣୀ ଲୀଳାବତୀ ପାଟମହାଦେଈ, ରାଜକୁମାରୀ କୁମାରମଣି ପ୍ରମୁଖ ଉପସ୍ଥିତ ଥିଲେ। ଗଜପତି ମହାରାଜା ବଟ ଗଣେଶ, ଚତୁର୍ଦ୍ଧା ବିଗ୍ରହ, ମା' ବିମଳା ଏବଂ ମହାଲକ୍ଷ୍ମୀଙ୍କ ସମେତ ଅନ୍ୟ ଦେବୀଦେବତାଙ୍କୁ ଦର୍ଶନ କରିଥିଲେ। ପରେ ମୁକ୍ତିମଣ୍ଡପ ବ୍ରାହ୍ମଣଙ୍କ ଆଶୀର୍ବାଦ ନେଇ ପ୍ରସ୍ଥାନ କରିଥିଲେ। ଏହି ଅବସରରେ ଗଜପତି ମହାରାଜା କହିଛନ୍ତି, ଶ୍ରୀକ୍ଷେତ୍ରକୁ ଭକ୍ତଙ୍କ ଆଗମନ ବୃଦ୍ଧି ପାଇଛି। ବିଶେଷକରି ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପରେ ପୂର୍ବାପେକ୍ଷା ଭକ୍ତମାନଙ୍କ ଆଗ୍ରହ ବଢ଼ିଛି। ସରକାର ଓ ପ୍ରଶାସନ ଆହୁରି ଯୋଜନା ପ୍ରସ୍ତୁତ କରିଛନ୍ତି। ଉକ୍ତ ଯୋଜନାକୁ ଖୁବଶୀଘ୍ର କାର୍ଯ୍ୟକାରୀ କରିବେ ବୋଲି ସେ ଆଶା ରଖିଛନ୍ତି।

## ସହରରୁ ରାଜନୈତିକ ପୋଷ୍ଟର ହଟାଇବ ବିଏମ୍‌ସି

ଭୁବନେଶ୍ୱର, ୨୩।୨ (ବନ୍ଦନା ସେଠୀ)

ରାଜଧାନୀରୁ ସମସ୍ତ ରାଜନୈତିକ ପୋଷ୍ଟର ବ୍ୟାନର ହଟାଇବ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ସହରର ମୁଖ୍ୟରାସ୍ତା ସମେତ ଗଳିକନ୍ଦି, କାନ୍ଥବାଡ଼ କେଉଁଠି ବି ଆଉ ଦଳୀୟ ପୋଷ୍ଟର ଦେଖିବାକୁ ମିଳିବ ନାହିଁ। ପୋଷ୍ଟର ସମେତ କାନ୍ଥବାଡ଼ରେ ଲେଖାଯାଇଥିବା ଦଳୀୟ ସ୍ଲୋଗାନ ମଧ୍ୟ ହଟାଯିବ ବୋଲି କମିଶନର ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆଗକୁ ନିର୍ବାଚନ ଆସୁଥିବାରୁ ନିର୍ବାଚନ କମିଶନଙ୍କ ନିୟମ ମାନି ବିଏମ୍‌ସି ଏଭଳି ପଦକ୍ଷେପ ଗ୍ରହଣ କରୁଛି। ନିର୍ବାଚନ କମିଶନଙ୍କ ଗାଇଡ୍‌ଲାଇନ୍ ଉଲ୍ଲଂଘନ କରି ବିଏମ୍‌ସି ଅଞ୍ଚଳରେ ଦଳୀୟ ପ୍ରଚାର ପାଇଁ ଯେଉଁସବୁ ପୋଷ୍ଟର ବ୍ୟାନର ଲାଗିଛି ତାକୁ ହଟାଇବାକୁ ନିଷ୍ପତ୍ତି ନିଆଯାଇଛି। କୌଣସି ରାଜନୈତିକ ଦଳର ପୋଷ୍ଟର ବ୍ୟାନର ରହିବ ନାହିଁ। ଏନେଇ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଯାଇଛି। ସେହିପରି ପୋଷ୍ଟର କଢାଯିବା ନେଇ ସମସ୍ତ ରାଜନୈତିକ ଦଳଗୁଡିକ ଅବଗତ ଥିବାରୁ ସେମାନେ ଏଥିରେ ସହଯୋଗ କରିବେ ବୋଲି କମିଶନର ଆଶା ପ୍ରକାଶ କରିଛନ୍ତି।

ତେବେ ପୂର୍ବରୁ ପୋଷ୍ଟର ହଟାଇବାକୁ ନେଇ ବିଏମ୍‌ସି ଅଡୁଆରେ ପଡିଥିଲା। କାନ୍ଥରେ ମରାଯାଇଥିବା ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ପୋଷ୍ଟରକୁ ଲିଭାଇଥିବାରୁ ବିଏମ୍‌ସିକୁ ଏମ୍‌ପି କଟାକ୍ଷ କରିଥିଲେ। ସହରସାରା ମାଳମାଳ ହୋଇ ଶାସକ ଦଳର ପୋଷ୍ଟର ଲାଗି ରହିଥିବାବେଳେ ଆକ୍ରୋଶମୂଳକ ଭାବେ ବିଏମ୍‌ସି କାହିଁକି ତାଙ୍କ ପୋଷ୍ଟର ଲିଭାଇଲା ବୋଲି ସେ ପ୍ରଶ୍ନ କରିଥିଲେ। ଅପରପକ୍ଷେ ସହରର କାନ୍ଥବାଡ଼, ଗଛ, ଇଲେକ୍ଟ୍ରିପୋଲ୍ ଯେଉଁଠାରେ ବି ପୋଷ୍ଟର ଲାଗୁଛି ବିଏମ୍‌ସି ତାହାକୁ ହଟାଉଛି। ଏହାଦ୍ୱାରା ସହରର ସୌନ୍ଦର୍ଯ୍ୟକରଣ ନଷ୍ଟ ହେଉଥିବାରୁ ଏଭଳି ପଦକ୍ଷେପ ନିଆଯାଉଛି। ଏଥିସହ ବିଜ୍ଞାପନ ବା ପୋଷ୍ଟର ଲଗାଇଥିବା ବ୍ୟକ୍ତିଙ୍କଠାରୁ ଜରିମାନା ଆଦାୟ ସହ ତାଙ୍କ ବିରୋଧରେ ଏତଲା ଦିଆଯାଉଛି। ଇତିମଧ୍ୟରେ ୧୦ଲକ୍ଷରୁ ଅଧିକ ଟଙ୍କା ଜରିମାନା ଆଦାୟ କରାଯାଇଥିବାବେଳେ ୩୦ରୁ ଊର୍ଦ୍ଧ୍ୱ ସଂସ୍ଥା ତଥା ବ୍ୟକ୍ତିଙ୍କ ନାମରେ ଏତଲା ଦାଏର କରାଯାଇଥିବା ସୂଚନା ମିଳିଛି।

## ବ୍ରାଉନସୁଗାର ଜବତ, ୨ ଗିରଫ

**ଭୁବନେଶ୍ୱର, ୨୩।୨(ସୂର୍ଯ୍ୟକାନ୍ତ ବେହେରା):** ଭୁବନେଶ୍ୱରସ୍ଥିତ ପୁରୀ ବାଇପାସ୍ ରାସ୍ତାରେ ବ୍ରାଉନସୁଗାର ବିକ୍ରି କରୁଥିବାବେଳେ ବଡଗଡ ଥାନା ପୋଲିସ ୨ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ରହୁଥିବା ବାଲେଶ୍ୱରର ସେକ୍ ଜାମସେଦ ଓ ସେକ୍ ପରବେଜ ମୁସାରଫ। ଉଭୟଙ୍କଠାରୁ ୧୮ ଗ୍ରାମ୍ ବ୍ରାଉନସୁଗାର,୩ଟି ମୋବାଇଲ ଫୋନ, ଗୋଟିଏ ସ୍କୁଟି ଓ ୫ ହଜାର ୩୬୦ ଟଙ୍କା ଜବତ ହୋଇଛି। ଜାମିନ ନ ମିଳିବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଆଦିତ୍ୟ



@ ଦିନେଶ



@ ଦୁଃଶାସନ



@ ଦେବାଶିଷ



@ ରଞ୍ଜନ



@ ଅନାମ



@ ବିଭୂତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଏକାମ୍ର ପ୍ରକଳ୍ପ ଅନୁଧ୍ୟାନକଲେ ୫-ଟି ଅଧ୍ୟକ୍ଷ

## ୨୦୨୫ ସୁଦ୍ଧା ଶେଷ କରିବାକୁ ପରାମର୍ଶ

ଭୁବନେଶ୍ୱର,୨୩।୨(ଅନିଲ ଦାସ)

୫-ଟି ଓ ଆମ ଓଡ଼ିଶା ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଶୁକ୍ରବାର ସକାଳେ ଏକାମ୍ର କ୍ଷେତ୍ର ପରିଦର୍ଶନ କରିବା ସହ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ୨୦୨୫ ସୁଦ୍ଧା ଏକାମ୍ର ପ୍ରକଳ୍ପ ଶେଷ କରିବାକୁ ଅଧିକାରୀମାନଙ୍କୁ ଡେଡଲାଇନ ଦେଇଛନ୍ତି। ବିଭିନ୍ନ ସ୍ଥାନ ବୁଲି ଦେଖିବା ସହ ସେ ଅଧିକାରୀଙ୍କ ସହ ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା କରିଛନ୍ତି। ସାନିଟାରିୟମ ଛକ ନିକଟ ଉତ୍ତର ପଟରେ ବସ୍ ପାର୍କିଂ, କାର ପାର୍କିଂ, ପର୍ଯ୍ୟଟନ ସୁବିଧା କେନ୍ଦ୍ର, ଭେଣ୍ଡିଂ ଜୋନ୍, ଲିଙ୍ଗରାଜ ଥାନା ଆଦି ସ୍ଥଳ ବୁଲି ଦେଖିଛନ୍ତି। ସେଠାକାର ଦୋକାନୀ ଓ ଭେଣ୍ଡରଙ୍କ ପାଇଁ ମଧ୍ୟ ସୁବିଧା କରାଯିବ। ସେମାନଙ୍କ ଜୀବନ ଜୀବିକାକୁ ପ୍ରାଧାନ୍ୟ ଦିଆଯିବ। ଏହାପରେ ୫-ଟି ଅଧ୍ୟକ୍ଷ କୋଟିତୀର୍ଥେଶ୍ୱରରୁ ବିନ୍ଦୁସାଗର ଯାଏ ହେବାକୁ ଥିବା ବିକଳ୍ପ ରାସ୍ତାର ସମୀକ୍ଷା କରିବା ସହ ଜମି ଅଧିଗ୍ରହଣ ଏବଂ ଡ୍ରେନ ନିର୍ମାଣ ନେଇ ଆଲୋଚନା କରିଛନ୍ତି। ଡ୍ରେନ ନିର୍ମାଣ ପାଇଁ ଆବଶ୍ୟକ ଜମି ଯୋଗାଇ ଦେବାକୁ ସେ ବିଏମସିକୁ ନିର୍ଦ୍ଦେଶ ଦେଇଛନ୍ତି। ଅନନ୍ତ ବାସୁଦେବ ମନ୍ଦିର ପଛପଟେ ଥିବା ଭଜନ ମଣ୍ଡପ ଓ ଲିଙ୍ଗରାଜ ପ୍ଲାଜା ଅଞ୍ଚଳ ବୁଲି ଦେଖିଥିଲେ। ଶିବରାତ୍ରୀବେଳେ ମୂଳଢାଞ୍ଚାରେ କୌଣସି ପରିବର୍ତ୍ତନ ନ କରି ଧାଡ଼ି ପରିଚାଳନା କରିବାକୁ ସେ ଗୁରୁତ୍ୱ ଦେଇଛନ୍ତି। ଆଧୁନିକ ଉପାୟରେ ଟ୍ରାଫିକ ପରିଚାଳନା ଓ ସ୍ୱଚ୍ଛ ପରିବେଶ ପାଇଁ ବ୍ୟାଟେରୀ ଚାଳିତ ଯାନ ବ୍ୟବହାର କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଦକ୍ଷିଣ ପାର୍ଶ୍ୱ ପରିକ୍ରମା ଓ ବଢ଼େଇ ବାଙ୍କରେ ହେବାକୁ ଥିବା ବିକଳ୍ପ ବାଇପାସ୍ ରାସ୍ତା କାମ ମଧ୍ୟ ଅନୁଧ୍ୟାନ କରିଥିଲେ। ଏସବୁ ସ୍ଥାନରେ ସୁରୁଖୁରୁରେ ଯାତାୟାତ ପାଇଁ ସେ ଗୁରୁତ୍ୱ ଦେଇଛନ୍ତି। ଆଧ୍ୟାତ୍ମିକ ଭାବନା ନେଇ ଯେପରି ଶ୍ରଦ୍ଧାଳୁ ଫେରିବେ ସେ ନେଇ ଧ୍ୟାନ ଦେବାକୁ ଅଧିକାରୀଙ୍କୁ କହିଛନ୍ତି।



୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏକାମ୍ର ପ୍ରକଳ୍ପର ନକ୍ସା ଦେଖୁଛନ୍ତି।

## ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ଆଜୀବନ ଜେଲ

ଖୋର୍ଦ୍ଧା,୨୩।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଞ୍ଚଳରେ ଘଟିଥିବା ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଶୁକ୍ରବାର ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ୍ ଅଜୟ କୁମାର ପ୍ରଧାନ ଏହି ମାମଲାର ବିଚାରକରି ଅଭିଯୁକ୍ତ କୃତ୍ତିବାସ ପାଇକରାୟ ଓରଫ ବିକୁଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଜରିମାନା ଅନାଦାୟ ଏକ ବର୍ଷ ଅଧିକ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ପ୍ରକାଶ ଯେ, ୨୦୧୮ ଜାନୁଆରୀ ୨୦ରେ ଏହି ଥାନା ଅନ୍ତର୍ଗତ ତାଳପଡ଼ା ଗୋଠପାଡିଆଠାରେ ଟାଙ୍ଗୀ ବ୍ଲକ ବଡ଼ପୋଖରିଆର ଗ୍ରାମସେବକ ଏଠାକୁ ଆସି ଚାଷୀଙ୍କୁ ଧାଡ଼ିରୁଆ ଚାଷ ସମ୍ପର୍କରେ ବୁଝାଉଥିଲେ। ଏହି ସମୟରେ ବିକୁ ହଠାତ୍ ସେଠାରେ ପହଞ୍ଚି ଗାଳିଗୁଲଜ କରିଥିଲେ। ଫଳରେ ଚରଣ ପ୍ରଧାନ ନାମକ ବ୍ୟକ୍ତି ତାଙ୍କୁ ବାରଣ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ବିକୁ ପକେଟ୍‌ରୁ ଏକ ଛୁରି ବାହାର କରି ଚରଣଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ଭାଇ ପଙ୍କଜଙ୍କ ଅଭିଯୋଗକୁ ଆଧାରକରି ପୋଲିସ ଏକ ହତ୍ୟା ମାମଲା ରୁଜୁକରି ବିକୁଙ୍କୁ ଗିରଫ କରି ଜେଲ ପଠାଇଥିଲା। ପରେ ଅଭିଯୁକ୍ତ ହାଇକୋର୍ଟରୁ ଅନ୍ତରୀଣ ଜାମିନରେ ଆସି ପୁଣି ଅନ୍ୟ ଏକ ଘଟଣାରେ ହତ୍ୟା ଉଦ୍ୟମ କରିଥିଲେ। ଏନେଇ ଟାଙ୍ଗୀ ଥାନାରେ ଏକ ମାମଲା (ନଂ.୧୨୮/୨୩) ରୁଜୁ ହୋଇଥିଲା। ଫଳରେ ତାଙ୍କୁ ଆଉ ଜାମିନ ମିଳି ନ ଥିଲା। ଜେଲରେ ଥାଇ ତାଙ୍କ ମକଦ୍ଦମା ବିଚାର ଚାଲିଥିଲା। ଏହି ମାମଲାର ଶୁଣାଣି କରି ଅତିରିକ୍ତ ଜିଲା ଦୌରାଜଜ୍ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ରଜନୀ ପଟ୍ଟନାୟକ ଓ ଅନିଲ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

# ରୁଟ୍‌ଙ୍କ ଶତକ: ଇଂଲଣ୍ଡ ୩୦୨ /୭

## ଚତୁର୍ଥ ଟେଷ୍ଟ

### ଆକାଶ ଦୀପ୍‌ଙ୍କ ଟେଷ୍ଟ କ୍ୟାରିୟର ଆରମ୍ଭ



ଶଟ୍ ଖେଳିବା ଅବସରରେ ଜୋ ରୁଟ୍।

**ରାଞ୍ଚି, ୨୩।୨**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ସିରିଜର ଚତୁର୍ଥ କ୍ରିକେଟ ଟେଷ୍ଟ ଶୁକ୍ରବାର ଏଠାରେ ଆରମ୍ଭ ହୋଇଛି। ଜୋ ରୁଟ୍‌ଙ୍କ ଅପରାଜିତ ଶତକ ସହାୟତାରେ ଇଂଲଣ୍ଡ ପ୍ରଥମ ଦିବସ ଖେଳ ଶେଷ ବେଳକୁ ୭ ଉଇକେଟ ହରାଇ ୩୦୨ ରନ ସଂଗ୍ରହ କରିଛି। ଏହି ମ୍ୟାଚରେ ଭାରତ ଦ୍ରୁତ ବୋଲର ଆକାଶ ଦୀପ ଟେଷ୍ଟ କ୍ୟାରିୟର ଆରମ୍ଭ କରିଛନ୍ତି।

### ଧୈର୍ଯ୍ୟ ଦେଖାଇଲେ ରୁଟ୍

ପ୍ରଥମ ୩ଟି ଟେଷ୍ଟରେ ଇଂଲଣ୍ଡ ଷ୍ଟାଇଲ ବାଜବଲ କ୍ରିକେଟ ଖେଳି ନିର୍ଭରଯୋଗ୍ୟ ବ୍ୟାଟର ଜୋ ରୁଟ୍ ସଫଳ ହୋଇ ନ ଥିଲେ। ମାତ୍ର ଏଠରେ ନିଜର ସ୍ୱାଭାବିକ ଗେମ୍ ଖେଳି ଧୈର୍ଯ୍ୟପୂର୍ଣ୍ଣ ଶତକ ହାସଲ କରିଛନ୍ତି ରୁଟ୍। ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଇଂଲଣ୍ଡ ଦ୍ରୁତ ଆରମ୍ଭ କରିଥିଲା। ମାତ୍ର ଦଳ ୫୭ ରନ ମଧ୍ୟରେ ୩ ଉଇକେଟ ହରାଇ ବିପଦରେ ପଡ଼ିଥିଲା। ଓପନର ଜ୍ୟାକ କ୍ରଲି ୪୨ ବଲ୍‌ରୁ ୪୨ ରନ କରିଥିବାବେଳେ ବେନ୍ ଡକେଟ ୧୧ ଓ ଓଲି ପୋପ୍ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ମିଡିଲ ଅର୍ଡରରେ ରୁଟ୍ ଓ ଜନି ବେୟାରଷ୍ଟୋ ଇନିଂସ ସମ୍ଭାଳିଥିଲେ। ମାତ୍ର ବେୟାରଷ୍ଟୋ ମଧ୍ୟ ଆକ୍ରମଣାତ୍ମକ ରଣନୀତିରେ ୩୫ ବଲ୍‌ରୁ ୩୮ ଏବଂ ଅଧିନାୟକ ବେନ୍ ଷ୍ଟୋକ୍ସ ୩ ରନ କରି ଆଉଟ ହେବାରୁ ୨୪.୧ ଓଭର ବେଳକୁ ଇଂଲଣ୍ଡ ସ୍କୋର ୧୧୨/୫ ହୋଇଯାଇଥିଲା। ରୁଟ୍‌ଙ୍କ ସହ ଯୋଗଦେଇ ବେନ୍ ଫୋକ୍ସ ରକ୍ଷଣାତ୍ମକ ବ୍ୟାଟିଂ କରିବାରୁ ୬ଷ୍ଠ ଉଇକେଟରେ ଶତକୀୟ ଭାଗୀଦାରି ସମ୍ଭବ ହୋଇଥିଲା। ଦୁହେଁ ୨୬୧ ବଲ୍‌ରୁ ୧୧୩ ରନ ସଂଗ୍ରହ କରିଥିଲେ। ଫୋକ୍ସ ୧୨୬ ବଲ୍‌ରୁ ୪୭ ରନକରି ମହମ୍ମଦ ସିରାଜଙ୍କ ବଲ୍‌ରେ ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଟମ୍ ହାର୍ଟଲେ ମାତ୍ର ୧୩ ରନ କରିବାକୁ ସକ୍ଷମ ହୋଇଥିଲେ। ୨୧୯ ବଲ୍‌ରୁ ଶତକ ପୂରଣ କରିଥିବା ରୁଟ୍ ୧୦୬ (୨୨୬ ବଲ, ୯ ଚୌକା) ରନରେ ଅପରାଜିତ ରହି ଅସମାପ୍ତ ୭ମ ଉଇକେଟରେ ଓଲି ରବିନସନ (୩୧ରନ)ଙ୍କ ସହ ୫୭ ରନର ଭାଗୀଦାରି ଗଢ଼ି ଇଂଲଣ୍ଡକୁ ସମ୍ମାନଜନକ ସ୍କୋର ଆଡ଼କୁ ନେଇଛନ୍ତି।

### ଆରମ୍ଭରୁ ପ୍ରଭାବୀ

କ୍ୟାରିୟରରେ ୩୦ଟି ପ୍ରଥମଶ୍ରେଣୀ ମ୍ୟାଚ ଖେଳି ସାରିଥିବା ୨୭ ବର୍ଷୀୟ ଆକାଶ ଦୀପ୍ ଟେଷ୍ଟ ଡେବ୍ୟୁରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ମ୍ୟାଚ ଆରମ୍ଭ ପୂର୍ବରୁ କୋଚ୍ ରାହୁଲ ଦ୍ରାବିଡ ତାଙ୍କୁ ଟିମ୍ ଇଣ୍ଡିଆ କ୍ୟାପ ପ୍ରଦାନ କରିଥିଲେ। ଭାରତର ୩୧୩ତମ ଖେଳାଳିଭାବେ ସେ ଟେଷ୍ଟ କ୍ୟାପ୍ ପାଇଥିଲେ। ପ୍ରଥମ ଦିବସରେ ଆକାଶ ୧୭ ଓଭର ବୋଲିଂ ସୁଯୋଗ ପାଇଥିବାବେଳେ ୭୦ ରନ ବିନିମୟରେ ୩ଟି ଉଇକେଟ ନେଇଛନ୍ତି। ସେ ଡକେଟ ତାଙ୍କର ପ୍ରଥମ ଟେଷ୍ଟ ଉଇକେଟ ହୋଇଥିବାବେଳେ ପରେ ସେ ପୋପ୍ ଓ କ୍ରଲିଙ୍କୁ ପ୍ୟାଭିଲିୟନ ପଥ ଦେଖାଇଥିଲେ। ମହମ୍ମଦ ସିରାଜ ୨ଟି ଉଇକେଟ ନେଇଥିବାବେଳେ ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜାଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୩୦୨/୭ (ଜୋ ରୁଟ୍-୧୦୬*, ବେନ୍ ଫୋକ୍ସ-୪୭, ଜ୍ୟାକ କ୍ରଲି-୪୨, ଆକାଶ ଦୀପ୍-୩/୭୦, ମହମ୍ମଦ ସିରାଜ-୨/୬୦, ରବିଚନ୍ଦ୍ରନ ଅଶ୍ୱିନ-୧/୮୩, ରବୀନ୍ଦ୍ର ଜାଡେଜା-୧/୪୫)।



କ୍ୟାରିୟରର ପ୍ରଥମ ଟେଷ୍ଟ ମ୍ୟାଚରେ ଉଇକେଟ ନେବାପରେ ଉଲ୍ଲସିତ ଭାରତୀୟ ଦ୍ରୁତ ବୋଲର ଆକାଶ ଦୀପ୍।

## ସ୍ୱଦେଶ ଫେରିଗଲେ ଇଂଲଣ୍ଡର ରେହାନ

**ରାଞ୍ଚି, ୨୩।୨ (ପି.ଟି.)**

ଇଂଲଣ୍ଡ ଯୁବ ସ୍ପିନର ରେହାନ ଅହମଦ ବ୍ୟକ୍ତିଗତ କାରଣରୁ ଘରବାହୁଡ଼ା କରିଛନ୍ତି। ସେ ଭାରତ ବିପକ୍ଷ ଚଳିତ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜର ଅବଶିଷ୍ଟାଂଶ ଖେଳିବେ ନାହିଁ ବୋଲି ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଶୁକ୍ରବାର ଏକ ବିବୃତିରେ ପ୍ରକାଶ କରିଛନ୍ତି। ଏହି ୧୯ ବର୍ଷୀୟ କ୍ରିକେଟର ସିରିଜର ପ୍ରଥମ ୩ ଟେଷ୍ଟରେ ୪୪ ଆଭରେଜରେ ୧୧ ଉଇକେଟ ଅକ୍ତିଆର କରିଛନ୍ତି।



ଓମେନ୍ସ ପ୍ରିମିୟର ଲିଗ୍‌ର ଉଦ୍‌ଘାଟନୀ ସମାରୋହରେ ଶୁକ୍ରବାର ଅଭିନେତା ଶାହରୁଖ ଖାନ୍‌ଙ୍କ ସହ ଅଂଶଗ୍ରହଣକାରୀ ୫ ଦଳର ଅଧିନାୟିକା।

## ଜାତୀୟ ଜୁଜିଟ୍‌ସୁ ପାଇଁ ଡେରାଡୁନ ଗଲା ଓଡ଼ିଶା ଦଳ

**ଭୁବନେଶ୍ୱର, ୨୩।୨ (ତପନ ସ୍ୱାଇଁ):** ଶନିବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଜାତୀୟ ଜୁଜିଟ୍‌ସୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ୨୯ ଜଣିଆ ଓଡ଼ିଶା ଦଳ ଶୁକ୍ରବାର ଡେରାଡୁନ ଯାତ୍ରା କରିଛନ୍ତି। ଗତ ରାଜ୍ୟ ଜୁଜିଟ୍‌ସୁ ପ୍ରତିଯୋଗିତାରୁ ଖେଳାଳି ମନୋନୟନ ହୋଇ ଶିବିରରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କ ମଧ୍ୟରୁ ଦଳ ଚୟନ ହୋଇଥିଲା। ଦଳ ସହ ଖେଳାଳି ଓ କୋଚ୍‌ଭାବେ ଶ୍ରୀକାନ୍ତ ମେହେର, ଅନୁପମା ସ୍ୱାଇଁ, ସ୍ୱରାଜ ଜାନି ଡେରାଡୁନ ଯାଇଛନ୍ତି। ଓଡ଼ିଶା ଜୁଜିଟ୍‌ସୁ ସଂଘର କର୍ମକର୍ତ୍ତାମାନେ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବାପୁଜୀ, ରାମେଶ୍ୱର ସ୍ପୋର୍ଟିଂ ବିଜୟୀ

### ନବ ଦାସ ଓ ପ୍ରଶାନ୍ତ ମହାପାତ୍ର ମେମୋରିଆଲ ଟି୨୦ କ୍ରିକେଟ

**ଭୁବନେଶ୍ୱର, ୨୩।୨ (ତପନ ସ୍ୱାଇଁ)**

ମୁନ୍ ଲାଇଟ୍ ୟୁଥ୍ କ୍ରିକେଟ କ୍ଲବ ଆନୁକୂଲ୍ୟରେ ବିଜେବି କଲେଜ ପଡ଼ିଆରେ ଚାଲିଥିବା ୭ମ ନବ ଦାସ ଓ ୩ୟ ପ୍ରଶାନ୍ତ ମହାପାତ୍ର ମେମୋରିଆଲ ଟି୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ ଓ ୪ର୍ଥ ଲିଗ୍ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ବାପୁଜୀ କ୍ରିକେଟ କ୍ଲବ ଓ ରାମେଶ୍ୱର ସ୍ପୋର୍ଟିଂ ବିଜୟ ହାସଲ କରିଛି। ଦିବସର ପ୍ରଥମ ମ୍ୟାଚରେ ବାପୁଜୀ କ୍ଲବ ୭୦ ରନରେ ଟାଉନ୍ କ୍ଲବକୁ ପରାସ୍ତ କରିଛି। ବ୍ୟାଟିଂ ନିଷ୍ପତ୍ତି ନେଇଥିବା ବାପୁଜୀ କ୍ଲବ ୨୦ ଓଭରରେ ୭ ଉଇକେଟ ହରାଇ ୨୫୬ ରନ କରିଥିଲା। ଦଳ ପକ୍ଷରୁ କ୍ଷମାସାଗର ବଳ ସର୍ବାଧିକ ୯୬ ଓ ସିଦ୍ଧାନ୍ତ କୁମାର ଜେନା ୭୩ ରନ କରିଥିଲେ। ବିପକ୍ଷ ଦଳର ବୋଲର ବିଶାଲ କର ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ୨୫୭ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଟାଉନ୍ କ୍ଲବ ୨୦ ଓଭରରେ ୭ ଉଇକେଟ ହରାଇ ୧୮୬ ରନ କରିବାକୁ ସକ୍ଷମ ହୋଇଥିଲା। ବିଶାଲ କର ୪୩ ରନ କରିଥିଲେ। ବିଜୟୀ ଦଳ ପକ୍ଷରୁ ସୟଦ ଜାକି ଓ ମନୋଜ କୁମାର ବାରିକ ୨ଟି ଲେଖାଏ ଉଇକେଟ ନେଇଥିଲେ। କୈଳାସ ପାତ୍ର ଅତିଥିଭାବେ ଯୋଗଦେଇ କ୍ଷମାସାଗରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ରାମେଶ୍ୱର ସ୍ପୋର୍ଟିଂ ୧୮ ରନରେ ପ୍ରଗତି ସ୍ପୋର୍ଟିଂକୁ ହରାଇ ଦେଇଛି। ରାମେଶ୍ୱର ୨୦ ଓଭରରେ ୧୪୬ ରନ୍‌କରି ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ ବିଶ୍ୱଜିତ ମଲିକ ସର୍ବାଧିକ ୩୬ ଓ ଏମ.ଜି. ଗୋପାଳ ୩୦ ରନ କରିଥିଲେ। ପ୍ରତିପକ୍ଷ ଦଳର ମିଲନ ସାମଲ ୪ଟି ଓ ସୁମିତ ମହାରଣା ୨ଟି ଉଇକେଟ ନେଇଥିଲେ। ଜବାବରେ ପ୍ରଗତି ସ୍ପୋର୍ଟିଂ ୧୯.୧ ଓଭରରେ ୧୨୮ ରନକରି ଅଲ୍‌ଆଉଟ ହୋଇଥିଲା। ଶୁଭମ୍ ନାଏକ ସର୍ବାଧିକ ୪୩ ରନ କରିଥିଲେ। ରାମେଶ୍ୱରର ସମ୍ବିତ ବରାଳ ଓ ଲାଲୁ ମହାନ୍ତି ୨ଟି ଲେଖାଏ ଉଇକେଟ ନେଇଥିଲେ। ରଣଜୀ ଖେଳାଳି ତଥା ଚୟନକର୍ତ୍ତା ଦୀପକ ମଙ୍ଗରାଜ ଅତିଥିଭାବେ ଯୋଗଦେଇ ବିଜୟୀ ଦଳର ଏମ.ଜି. ଗୋପାଳଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଦେଇଥିଲେ।





ଏମ.ଜି. ଗୋପାଳ ଓ କ୍ଷମାସାଗର ବଳଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ମୁମ୍ବାଇ ଇଣ୍ଡିଆନ୍ସର ରୋମାଞ୍ଚକ ବିଜୟ

**ବେଙ୍ଗାଲୁରୁ, ୨୩।୨**

ସ୍ଥାନୀୟ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଶୁକ୍ରବାର ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ଆରମ୍ଭ ହୋଇଛି। ପ୍ରଥମ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ରୋମାଞ୍ଚକ ବିଜୟ ହାସଲ କରିଛି ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ। ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୫ ଉଇକେଟ ହରାଇ ୧୭୧ ରନ କରିଥିଲା। ଜବାବରେ ମୁମ୍ବାଇ ଦଳ ୨୦ ଓଭରରେ ୬ ଉଇକେଟ ହରାଇ ୧୭୩ ରନ ସଂଗ୍ରହ କରି ନେଇଥିଲା। ଶେଷ ବଲ୍‌ରୁ ବିଜୟ ପାଇଁ ୫ ରନ ଆବଶ୍ୟକ ହେଉଥିବାବେଳେ ସଜିଭାନ ସଜନା ଏହାକୁ ଛକାରେ ପରିଣତ କରି ଉତ୍କଣ୍ଠାର ଅବସାନ ଘଟାଇଥିଲେ। ୟସ୍ତିକା ଭାଟିଆ ଦଳ ପକ୍ଷରୁ ସର୍ବାଧିକ ୫୭ ରନ କରିଥିଲେ ହେଁ ୩୪ ବଲ୍‌ରୁ ୫୫ ରନ କରିଥିବା ଅଧିନାୟିକା ହରମନପ୍ରୀତ କୌର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦିଲ୍ଲୀ ପକ୍ଷରୁ ଅରୁନ୍ଧତୀ ରେଡ୍ଡୀ ଓ ଆଲିସ କାପ୍‌ସେ ୨ଟି ଲେଖାଏ ଉଇକେଟ ନେଇଥିଲେ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କ୍ୟାପିଟାଲ୍ସ ମାତ୍ର ୩ ରନରେ ଓପନର ଶେଫାଳି ବର୍ମାଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମାତ୍ର ଅଧିନାୟିକା ମେଗ୍ ଲାନିଂ ଓ ଆଲିସ କାପ୍‌ସେ ଦ୍ୱିତୀୟ ଉଇକେଟରେ ୬୪ ରନର ଭାଗୀଦାରି ଗଢ଼ି ଇନିଂସ ସମ୍ଭାଳିଥିଲେ। ଲାନିଂ ୨୫ ବଲ୍‌ରୁ ୩୧ ରନକରି ଆଉଟ ହୋଇଯାଇଥିବାବେଳେ କାପ୍‌ସେ ତୃତୀୟ ଉଇକେଟରେ ଜେମିମା ରୋଡ୍ରିଗ୍ସେଜଙ୍କ ସହ ୭୪ (୪୦ ବଲ୍) ରନର ପାର୍ଟନରଶିପ୍ କରି ଦିଲ୍ଲୀକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇ ଦେଇଥିଲେ। କାପ୍‌ସେ ଦଳ ପକ୍ଷରୁ ସର୍ବାଧିକ ୭୫ (୫୩ ବଲ, ୮ ଚୌକା, ୩ ଛକା) ଓ ରୋଡ୍ରିଗ୍ସେଜ ୪୨ ରନ ସ୍କୋର କରିଥିଲେ। ମୁମ୍ବାଇ ବୋଲରଙ୍କ ମଧ୍ୟରେ ନାଟ୍ ସ୍କିଭର-ବ୍ରଣ୍ଟ ଓ ଆମେଲିକା କେର ୨ଟି ଲେଖାଏ ଏବଂ ଶବନିମ ଇସମାଇଲ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୭୧/୫ (ଆଲିସ କାପ୍‌ସେ-୭୫, ଜେମିମା ରୋଡ୍ରିଗ୍ସେଜ-୪୨, ନାଟ ସ୍କିଭର ବ୍ରଣ୍ଟ-୨/୩୩, ଆମେଲିକା କେର-୨/୪୩, ଶବନିମ ଇସମାଇଲ-୧/୨୪)। ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୭୩/୬ (ୟସ୍ତିକା ଭାଟିଆ-୫୭, ହରମନପ୍ରୀତ କୌର-୫୫, ଅରୁନ୍ଧତୀ ରେଡ୍ଡୀ-୨/୨୭, ଆଲିସ କାପ୍‌ସେ-୨/୨୩, ମାରିଜାନେ କାପ୍-୧/୩୨, ଶିଖା ପାଣ୍ଡେ-୧/୩୨)।

### ଡବ୍ଲ୍ୟୁପିଏଲ୍‌ର ରଙ୍ଗାରଙ୍ଗ ଉଦ୍‌ଘାଟନ

ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଓମେନ୍ସ ପ୍ରିମିୟର ଲିଗ୍(ଡବ୍ଲ୍ୟୁପିଏଲ୍)ର ଦ୍ୱିତୀୟ ସଂସ୍କରଣ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଅବସରରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବଲିଉଡ୍ ଷ୍ଟାର ଶାହରୁଖ୍ ଖାନ୍ ଥିଲେ ମୁଖ୍ୟ ଆକର୍ଷଣ। ଶାହରୁଖ୍‌ଙ୍କ ବ୍ୟତୀତ କାର୍ତ୍ତିକ ଆର୍ଯ୍ୟନ, ସିଦ୍ଧାର୍ଥ ମାଲ୍‌ହୋତ୍ରା, ଟାଇଗର ଶ୍ରଫ୍, ବରୁଣ ଧାୱନ ଓ ଶାହିଦ କାପୁରଙ୍କ ଉପସ୍ଥିତି ଦ୍ୱାରା କ୍ରିକେଟ କାର୍ନିଭାଲରେ ବଲିଉଡ୍ ମ୍ୟାଜିକ୍‌ର ସ୍ପର୍ଶ ଦେଖିବାକୁ ମିଳିଥିଲା। ପ୍ରେରଣାଦାୟକ ଭାଷଣ ସହ କିଙ୍ଗ୍ ଖାନ୍ ଧମାକାଦାର ଏଣ୍ଟ୍ରି କରିଥିଲେ। ତାଙ୍କର ବହୁ ହିଟ୍ ଫିଲ୍ମ ଗୀତକୁ ନେଇ ଅନୁଷ୍ଠିତ କାର୍ଯ୍ୟକ୍ରମ ଦର୍ଶକଙ୍କ ହୃଦୟକୁ ସ୍ପର୍ଶ କରିଥିଲା। ସେ ତାଙ୍କ ଆଇକନିକ୍ ପୋଜ୍‌ରେ ୫ଟି ଦଳର ଅଧିନାୟିକା ମେଗ୍ ଲାନିଙ୍ଗ, ବେଥ୍ ମୁନି, ସ୍ମୃତି ମନ୍ଧାନା, ଆଲିସା ହିଲି ଓ ହରମନପ୍ରୀତ କୌରଙ୍କ ପରିଚୟ କରାଇଥିଲେ। ମଞ୍ଚ ଉପରେ ବଲିଉଡ୍ ଷ୍ଟାର ଓ ଅଧିନାୟିକାମାନଙ୍କ ସହ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ରୋଜର ବିନ୍ନି ଏବଂ ସମ୍ପାଦକ ଜୟ ଶାହା ଯୋଗଦେଇଥିଲେ। ଡବ୍ଲ୍ୟୁପିଏଲ୍ ଟ୍ରଫି ସହ ଟୁର୍ଣ୍ଣାମେଣ୍ଟରେ ଭାଗ ନେଉଥିବା ୫ଟି ଦଳର ଅଧିନାୟିକାଙ୍କ ପୋଜ୍ ସହ ଟୁର୍ଣ୍ଣାମେଣ୍ଟର ବିଧିବଦ୍ଧ ଆରମ୍ଭ ହୋଇଥିଲା।

# ପାକିସ୍ତାନକୁ ହରାଇଲା ଭାରତ

### ଫ୍ରେଣ୍ଡଶିପ୍ ଦୃଷ୍ଟିବାଧିତ ଟି୨୦ କ୍ରିକେଟ

**ଦୁବାଇ, ୨୩।୨**

ଏଠାରେ ଚାଲିଥିବା ଫ୍ରେଣ୍ଡଶିପ୍ ଦୃଷ୍ଟିବାଧିତ ଟି୨୦ କ୍ରିକେଟ ସିରିଜର ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଭାରତ ୪୬ ରନରେ ପାକିସ୍ତାନକୁ ପରାସ୍ତ କରିଛି। ପ୍ରଥମ ବ୍ୟାଟିଂ କରିଥିବା ଭାରତ ସୁନୀଲ ରମେଶଙ୍କ ୬୧ ବଲ୍‌ରୁ ଦ୍ରୁତ ୮୭ ରନ ବଳରେ ୨୦ ଓଭରରେ ୩ ଉଇକେଟ ହରାଇ ୨୨୪ ରନ କରିଥିଲା। ଡି. ଭେଙ୍କଟେଶ୍ୱର ରାଓ ୫୬ ଓ ଅଜୟ ରେଡ୍ଡୀ ୪୨ ରନ ସ୍କୋର କରିଥିଲେ। ଜବାବରେ ପାକିସ୍ତାନ ୨୦ ଓଭରରେ ୬ ଉଇକେଟ ହରାଇ ୧୭୮ ରନରେ ସୀମିତ ରହିଥିଲା। ଏହି ବିଜୟ ଫଳରେ ଭାରତ ସିରିଜକୁ ୧-୧ ସ୍ଥିତିକୁ ଆଣିଛି। ଦୁବାଇରେ ଅବସ୍ଥାପିତ ପାକିସ୍ତାନର କନସୁଲ ଜେନେରାଲ ହୁସେନ ମହମ୍ମଦ ଅତିଥିଭାବେ ଯୋଗଦେଇ ଭାରତର ସୁନୀଲ ରମେଶଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦୁଇ ଦଳ ମଧ୍ୟରେ ତୃତୀୟ ତଥା ଅନ୍ତିମ ମ୍ୟାଚ ରବିବାର ଅନୁଷ୍ଠିତ ହେବ।



ଅତିଥିଙ୍କଠାରୁ ଭାରତର ସୁନୀଲ ରମେଶ ପୁରସ୍କାର ଗ୍ରହଣ କରୁଛନ୍ତି।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

